# ୨୨ରେ ଆରମ୍ଭ ହେବ ସହରୀ ଗ୍ୟାସ୍ ବିତରଣ ପ୍ରକଳ୍ପ

**ବ୍ରହ୍ମପୁର ଅଫିସ,୨୦।୧୧**

ସହରୀ ଗ୍ୟାସ୍ ବିତରଣ (ସିଜିଡି) ପ୍ରକଳ୍ପର ନବମ ବିଡିଙ୍ଗ୍ ରାଉଣ୍ଡ ଅଧୀନରେ ଓଡ଼ିଶାର ୧୭ ଜିଲାରେ ସିଜିଡ଼ିର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଦଶମ ସିଜିଡି ବିଡିଙ୍ଗ୍ ରାଉଣ୍ଡର ଶୁଭାରମ୍ଭ ଆସନ୍ତା ୨୨ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କରକମଳରେ ଅନୁଷ୍ଠିତ ହେବ । ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରୁ ଅପରାହ୍ନ ୪ଟାରେ ପ୍ରଧାନମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିବେ। ଏହି ଜିଲାଗୁଡ଼ିକ ହେଲା ସୁନ୍ଦରଗଡ, ଝାରସୁଗୁଡା, ଯାଜପୁର, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ବରଗଡ, ଦେବଗଡ, ସମ୍ବଲପୁର, ଗଞ୍ଜାମ, ନୟାଗଡ, ପୁରୀ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡା । ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗେଲ୍ ଗ୍ୟାସ୍ ଲିମିଟେଡ୍‌ର ସିଜିଏମ୍ ଆର୍. ଚୌଧୁରୀ ଏବଂ ଡିଜିଏମ୍ ଅଶୋକ ମହାପାତ୍ର ଏନେଇ ସୂଚନା ପ୍ରଦାନ କରିଛନ୍ତି ।



ଖବରଦାତା ସମ୍ମିଳନୀରେ ଗେଲ୍ ଗ୍ୟାସ୍ ଲିମିଟେଡ୍‌ର ଦୁଇ ଅଧିକାରୀ ।

ରାଜ୍ୟର ୧୭ ଜିଲାରେ ସିଜିଡି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ବିଭିନ୍ନ ସଂସ୍ଥାକୁ ପ୍ରଦାନ କରାଯାଇଛି। ସେଥିରୁ ଗଞ୍ଜାମ, ନୟାଗଡ଼ ଏବଂ ପୁରୀ ଜିଲାର ଦାୟିତ୍ୱ ନେଇଛି ଗେଲ୍ ଗ୍ୟାସ୍ ଲିମିଟେଡ୍। ଏହି ତିନୋଟି ଜିଲାରେ ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବ ୨୨ତାରିଖ ଅପରାହ୍ନରେ ସ୍ଥାନୀୟ ଖଲ୍ଲିକୋଟ କଲେଜ ଷ୍ଟାଡିୟମ୍ ପଡ଼ିଆରେ ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ମୋଦି ନୂଆଦିଲ୍ଲୀରେ ଉଦ୍‌ଘାଟନ କରୁଥିବା ବେଳେ ବ୍ରହ୍ମପୁରରର କାର୍ଯ୍ୟକ୍ରମରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ରାମକ୍ରିପାଳ ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେବେ ।

- ପ୍ରଧାନମନ୍ତ୍ରୀ କରିବେ ଉଦ୍‌ଘାଟନ
- ଗଞ୍ଜାମ, ନୟାଗଡ଼, ପୁରୀରେ ହେବ ସଂଯୋଗ
- ଖୋଲାଯିବ ୧୫ ସିଏନ୍‌ଜି ଷ୍ଟେଶନ୍
- ବ୍ୟୟ ଅଟକଳ ୭୨୮କୋଟି ଟଙ୍କା
- ସମ୍ପୂର୍ଣ୍ଣ ହେବାକୁ ଲାଗିବ ୮ବର୍ଷ

ଗଞ୍ଜାମ, ନୟାଗଡ ଓ ପୁରୀ ଜିଲା ସିଜିଡି ପ୍ରକଳ୍ପ ପରିବହନ କ୍ଷେତ୍ରରେ ଗୃହକୁ ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ ଯୋଗାଣ, ଉଦ୍ୟୋଗ ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକୁ କମ୍ପ୍ରେଷ୍ଟ ନ୍ୟାଚୁରାଲ ଗ୍ୟାସ୍ (ସିଏନ୍‌ଜି) ଯୋଗାଣ କରାଯିବ। ଏଥି ସହ ଯାନବାହନଗୁଡ଼ିକ ପାଇଁ ୧୫ ସିଏନ୍‌ଜି ଷ୍ଟେଶନ୍ ରହିବ । ପ୍ରକଳ୍ପ ୩ ଜିଲାର ୧୫୮୨୧.୭୦ ବର୍ଗ କି.ମି. ଅଞ୍ଚଳରେ ପରିବ୍ୟାପ୍ତ ହେବ। ସହରାଞ୍ଚଳ ଯଥା ଗଞ୍ଜାମ, ଓଡଗାଁ, ଗୋପ, ଭଞ୍ଜନଗର, ସୋରଡା, ବେଲଗୁଣ୍ଠା, ବୁଗୁଡା, ଧରାକୋଟ, ଆସିକା, ପୋଲସରା, ବେଗୁନିଆପଡା, ଖଲ୍ଲିକୋଟ, କବିସୂର୍ଯ୍ୟନଗର, ପୁରୁଷୋତ୍ତମପୁର, ସାନଖେମୁଣ୍ଡି, ସେରଗଡ, ହିଞ୍ଜିଳିକାଟୁ, ଚିକିଟି, ପାତ୍ରପୁର, ଦିଗପହଣ୍ଡି, କୁକୁଡାଖଣ୍ଡି, ରଙ୍ଗେଇଲୁଣ୍ଡା, ଛତ୍ରପୁର, ନୟାଗଡ-୧,୨ ଏବଂ ୩, ଗଣିଆ, ଭାପୁର, ଖଣ୍ଡପଡା, ପାନପୁର, କୃଷ୍ଣପ୍ରସାଦ, ବ୍ରହ୍ମଗିରି, କଣାସ, ପୁରୀ ସଦର, ସତ୍ୟବାଦୀ, ଡେଲାଙ୍ଗ, ପିପିଲି, ନିମାପଡା, ଅସ୍ତରଙ୍ଗ ଓ କାକଟପୁରପରି ୨୨ ଅଞ୍ଚଳ ଏଥିରେ ସାମିଲ ହେବେ । ପ୍ରାରମ୍ଭିକ ୨୫ ବର୍ଷ ନିମନ୍ତେ ଏହି ପ୍ରକଳ୍ପର ସମୁଦାୟ ବ୍ୟୟ ଅଟକଳ ୭୨୮କୋଟି ଟଙ୍କା ରଖାଯାଇଛି ।

## ସଂକ୍ଷେପରେ

### କୋଟିପତି କନିଷ୍ଠ ଯନ୍ତ୍ରୀଙ୍କୁ ମିଳିଲା ଜାମିନ



**ବ୍ରହ୍ମପୁର ଅଫିସ,୨୦।୧୧:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ କରାଯାଇଥିବା ରାୟଗଡା ଜିଲା ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର କନିଷ୍ଠ ଯନ୍ତ୍ରୀ ଗଗନବିହାରୀ ପତିଙ୍କୁ ମଙ୍ଗଳବାର ନିୟମିତ ଜାମିନ ମିଳିଛି । ନଭେମ୍ବର ୭ ରେ ତାଙ୍କ ପିତାଙ୍କ ମୃତ୍ୟୁ ଘଟିଥିବାରୁ ଭିଜିଲାନ୍ସ କୋର୍ଟ ପକ୍ଷରୁ ଅନ୍ତରୀଣ ଜାମିନ ମିଳିଥିଲା। ନିର୍ଦ୍ଦେଶମୁତାବକ ଜାମିନ ଅବଧି ଶେଷ ହୋଇଯିବାରୁ ମଙ୍ଗଳବାର ଗଗନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସେତେବେଳେ ତାଙ୍କ ଓକିଲ ପ୍ରସାଦ ପଟ୍ଟନାୟକ ଓ ପ୍ରଦୀପ ପାଣିଗ୍ରାହୀ ଜାମିନ ପାଇଁ ଆବେଦନ କରିଥିବା ବେଳେ ମାଜିଷ୍ଟ୍ରେଟ୍ ନିୟମିତ ଜାମିନ ମଞ୍ଜୁର କରିଥିଲେ । ଫଳରେ ଦୀର୍ଘ ଦୁଇ ମାସ ପରେ ଜେଲରୁ ଗଗନ ମୁକୁଳିଥିବା ସୂଚନା ମିଳିଛି । ପ୍ରକାଶଯେ, ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ମିସ୍ କେସନଂ ୬/୧୮ ଅନୁଯାୟୀ ସେପ୍ଟେମ୍ବର ୨୦ରେ ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନ ପକ୍ଷରୁ ୱାରେଣ୍ଟ ତଲାସି ଜାରି କରାଯାଇଥିଲା । ଗଗନଙ୍କ ଘରେ ଚଢାଉ ସମୟରେ ମୋଟ ୧ କୋଟି ୬୨ ଲକ୍ଷ ୨୩ ହଜାର ୮୩୮ ଟଙ୍କାର ସମ୍ପତ୍ତି ଠୁଳ ହୋଇଥିବା ଭିଜିଲାନ୍ସ ବିଭାଗ ଆକଳନ କରିଥିଲା । ତାଙ୍କ ଆୟଠାରୁ ୩୫୦ ପ୍ରତିଶତ ଅର୍ଥାତ୍ ୧ କୋଟି ୪୦ ଲକ୍ଷ ୯୦ ହଜାର ୨୭୭ ଟଙ୍କାର ସମ୍ପତ୍ତି ଠୁଳ ରହିଥିବା ଜଣାପଡିଥିଲା। ଏ ସଂକ୍ରାନ୍ତରେ ଭିଜିଲାନ୍ସ ବ୍ରହ୍ମପୁର ଡିଭିଜନ୍ କାର୍ଯ୍ୟାଳୟରେ ନଂ. ୩୧/୧୮ରେ ମାମଲା ରୁଜୁ କରି ଗଗନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା ।

### ସର୍ବଭାରତୀୟ ଦୌଡକୁଦ ପ୍ରତିଯୋଗିତା
### ବୁଲୁ, ବିରୁପାକ୍ଷ, ସଙ୍ଗୀତା ମନୋନୀତ



**ବ୍ରହ୍ମପୁର ଅଫିସ,୨୦।୧୧:** ସର୍ବଭାରତୀୟ ଦୌଡକୁଦ ପ୍ରତିଯୋଗିତା ମାଙ୍ଗାଲୋର ବିଶ୍ୱବିଦ୍ୟାଳୟରେ ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବ ।୨୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଭାଗନେବାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ଖେଳାଳି ଚୟନ ଶେଷ ହୋଇଛି । ବ୍ରହ୍ମପୁର ସିଟି କଲେଜର ବୁଲୁ ସେଠୀ, ବାଲିଗୁଡା ଆଦିବାସୀ କଲେଜର ବିରୁପାକ୍ଷ ଦିଗାଲ ଓ ସଙ୍ଗୀତା ମଲ୍ଲିକ ଏହି ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ହୋଇଛନ୍ତି । ଖେଳାଳିମାନେ ବୁଧବାର ମାଙ୍ଗାଲୋର ଗସ୍ତ କରିବେ । ମ୍ୟାନେଜର ଭାବେ କ୍ରୀଡା ପରିଷଦ ସହ ସମ୍ପାଦକ ରଜେଶ କୁମାର ମହାନ୍ତି ଏବଂ କେନ୍ଦୁପଦର କଲେଜର ପିଇଟି ସୁଶାନ୍ତ କୁମାର ବେହେରା କୋଚ ଭାବେ ଦଳ ସହ ଯାତ୍ରା କରିବେ ବୋଲି କ୍ରୀଡା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

### ଏନ୍‌ଏସ୍‌ଏସ୍ ୟୁନିଟର ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା



**ବ୍ରହ୍ମପୁର ଅଫିସ,୨୦।୧୧:** ସାମ୍ପ୍ରଦାୟିକ ସଦ୍‌ଭାବ ଓ ଜାତୀୟ ଏକତା ସପ୍ତାହ ପାଳନ ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ୟୁନିଟ ପକ୍ଷରୁ ବକ୍ତୃତାମାଳା ଓ ପ୍ରବନ୍ଧ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏନଏସଏସ ସଂଯୋଜକ ଡ. ସଦାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଏନଏସଏସ ଅଫିସର ଡ. ଏ. ଲୀଲାବେଣୀ, ଡ. ପବିତ୍ର ସିଂହ, ଡ. ଦେବୀ ପ୍ରସାଦ ଶତପଥୀ ପରିଚାଳନା କରିଥିଲେ। ଓଡିଆ ବିଭାଗର ରିଡର ଡ. ସଦାନନ୍ଦ ନାୟକ, ରସାୟନ ବିଜ୍ଞାନର ଅଧ୍ୟାପକ ଡ. ସତ୍ୟନାରାୟଣ ସାହୁ, ଇଂରାଜୀ ବିଭାଗର ଅଧ୍ୟାପକ ଡ. ଟି. ଈଶ୍ୱର ରାଓ, ପଦାର୍ଥ ବିଜ୍ଞାନର ଅଧ୍ୟାପକ ଡ. ସଲିଳା ଦାଶ,ଉଦ୍ଭିଦ ବିଜ୍ଞାନର ଡ. ମୃତ୍ୟୁଞ୍ଜୟ ଜେନା, ଡ. ରଶ୍ମିତା ପାଣିଗ୍ରାହୀ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ । ଏହି ପ୍ରତିଯୋଗିତାରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭିନ୍ନ ବିଭାଗର ୫୦ ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ର ସଂସଦର ରାଧେଶ୍ୟାମ ସାହୁ, ବିଶ୍ୱଜିତ ଲେଙ୍କା, ସିଦ୍ଧାର୍ଥ ସାହୁ ପ୍ରମୁଖ ସହଯୋଗ କରିଥଲେ ।

### ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ପ୍ରତିଯୋଗିତା
### ବାପୁଜୀ ସର୍ବଭାରତୀୟ ସ୍ତରରେ ଚତୁର୍ଥ

**ବ୍ରହ୍ମପୁର ଅଫିସ,୨୦।୧୧**

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ବର୍ଗ ଭାରୋତ୍ତଳନ ପ୍ରତିଯୋଗିତା ମଙ୍ଗଳବାର ଶେଷ ହୋଇଛି । କେରଳ କାଲିକଟ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ୭୩କେଜିବର୍ଗରେଭାଗନେଇ ବୁଗୁଡା ପିପୁଲସ କଲେଜର ଛାତ୍ର ବାପୁଜୀ ବିଶ୍ୱାଳ ସର୍ବଭାରତୀୟସ୍ତରରେ ଚତୁର୍ଥସ୍ଥାନ ହାସଲ କରିଛନ୍ତି । ୨୬୮ କେଜି ଭାରୋତ୍ତୋଳନ କରି ବାପୁଜୀ ଏହି ଯୋଗ୍ୟତା ହାସଲ କରିଛନ୍ତି। ସୂଚନାଯୋଗ୍ୟ, ପ୍ରତିଯୋଗିତାରେ ଭାଗନେବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ବର୍ଗରେ ୮ଛାତ୍ର ଗତ ୧୪ ତାରିଖରେ କେରଳ ଗସ୍ତ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ସମ୍ପାଦକ ପ୍ରଫେସର ଡ. ପ୍ରସନ୍ନ କୁମାର ଦୀକ୍ଷିତ, ସହ ସମ୍ପାଦକ ରଜେଶ ମହାନ୍ତି, ସ୍ପୋର୍ଟସ ଅଫିସର ରବିଚରଣ ମିଶ୍ର ବାପୁଜୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ପୂର୍ବ ଶତ୍ରୁତାରୁ ସଂଘବଦ୍ଧ ଆକ୍ରମଣ: ୨ ଆହତ, ଜଣେ ଗୁରୁତର

**ବ୍ରହ୍ମପୁର ଅଫିସ,୨୦।୧୧**

କବିସୂର୍ଯ୍ୟନଗର ଥାନା ବୋଲସର ଗ୍ରାମରେ ସୋମବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଂଘବଦ୍ଧ ଆକ୍ରମଣରେ ଜଣେ ଗୁରୁତର ହୋଇଥିବା ବେଳେ ଦୁଇ ଜଣ ଆହତ ହୋଇଛନ୍ତି । ସେମାନେ ହେଲେ ବୋଲସର ଗ୍ରାମର ମୁକ୍ତମାଳା ସାହିର ଗୁରୁତର ଆହତ ସୁଶାନ୍ତ ଦଳାଇ, ଆହତହେଲେ ତାଙ୍କ ସାନ ଭାଇ ମନୁ ଦଳାଇ, ସମ୍ପର୍କୀୟ ଭାଇ କୃଷ୍ଣ ଦଳାଇ । ସମସ୍ତଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ଲେଖାହେବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇ ନ ଥିବା ଇନ୍‌ସପେକ୍ଟର ତପନ କୁମାର ପତି ସୂଚନା ଦେଇଛନ୍ତି। ପ୍ରକାଶଯେ, ସୁଶାନ୍ତଙ୍କ ସହିତ ତାଙ୍କ ସମ୍ପର୍କୀୟ ଦାଦାଙ୍କର ତିକ୍ତତା ଲାଗି ରହିଛି । ସମସ୍ତେ ସୁରଟରେ ରହି କାର୍ଯ୍ୟ କରୁଥିବା ବେଳେ ସେପ୍ଟେମ୍ବରରେ ସାନ ଭାଇ ବୁଟୁଙ୍କୁ ବୋଲସର ଯିବା ପାଇଁ ସୁରଟ ରେଳ ଷ୍ଟେଶନରେ ସୁଶାନ୍ତ ଛାଡିଥିଲେ। ପରବର୍ତ୍ତୀ ସମୟରେ ବୁଟୁ ଗାଁରେ ନ ପହଞ୍ଚିବାରୁ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ମିଳୁ ନ ଥିବା ଜଣାପଡିଛି ।


ଆହତ କୃଷ୍ଣ ଦଳାଇ, ମନୁ ଦଳାଇ। ଗୁରୁତର ସୁଶାନ୍ତ ଦଳାଇ।

ସେହିପରି ସୁଶାନ୍ତଙ୍କ ଜେଜେବାପାଙ୍କ ମୃତ୍ୟୁ ହେବାରୁ ସେ ସୁରଟରୁ ନଭେମ୍ବର ୬ ତାରିଖରେ ବୋଲସର ଆସିଥିଲେ। ଶୁଦ୍ଧି କ୍ରିୟା ଶେଷ ହେବା ପରେ ସୋମବାର ସମ୍ପର୍କୀୟ ଦାଦାଙ୍କ ଘରକୁ ଯାଇ ନିଖୋଜ ବୁଟୁଙ୍କ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ଘର ବାରଣ୍ଡାରେ ଥିବା ବେଳେ ରାତି ପ୍ରାୟ ୮ଟାରେ ବିଦ୍ୟୁତ୍ କାଟ ବେଳେ ୪ ଜଣ ଯୁବକ ଦୁଇଟି ବାଇକ୍‌ରେ ଆସି ସୁଶାନ୍ତଙ୍କ ପିଠିରେ ଛୁରି ମାରିବା ସହ କୃଷ୍ଣ ଓ ମନୁଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ । ଅନ୍ଧାରରେ କିଛି ଦେଖାଯାଉ ନ ଥିବା ବେଳେ ଖଣ୍ଡା ଚୋଟରୁ ଅଳ୍ପକେ ବର୍ତ୍ତିଯାଇଥିଲେ କୃଷ୍ଣ ଓ ମନୁ । କୃଷ୍ଣଙ୍କର ଡାହାଣ ହାତ ଆଙ୍ଗୁଠିରେ ଚୋଟ ଲାଗିଥିବା ବେଳେ ମନୁ ତଳେ ପଡି ଆହତ ହୋଇଥିଲେ।

ସମ୍ପର୍କୀୟ ଦାଦା ପୁଅ, ତାଙ୍କ ସହଯୋଗୀମାନେ ଏଭଳି ହତ୍ୟା ଉଦ୍ୟମ କରିଛନ୍ତି ବୋଲି ସୁଶାନ୍ତଙ୍କ ବାପା ପରୀ ଦଳାଇ ଏବଂ କୃଷ୍ଣଙ୍କ ବାପା ଇନ୍ଦ୍ର ଦଳାଇ କହିଛନ୍ତି। ଅପରପକ୍ଷେ ରିପୋର୍ଟ ହେବା ପରେ ପୋଲିସ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛି। ଅନ୍ୟପକ୍ଷରେ ନିଖୋଜ ବୁଟୁଙ୍କ ସମ୍ପର୍କରେ ଥାନାରେ ଏତଲା ହୋଇ ନ ଥିବା ବେଳେ ତାଙ୍କୁ ଅପହରଣ କରି ନେଇଯାଇଛନ୍ତି ବୋଲି ସୁଶାନ୍ତଙ୍କ ପରିବାରବର୍ଗ ଅଭିଯୋଗ କରିଛନ୍ତି ।

### ଜିଲାସ୍ତରୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସ କର୍ମଶାଳା

ବ୍ରହ୍ମପୁର ଅଫିସ,୨୦।୧୧-ସରକାରୀ କୁଇନ୍ ଅଫ୍ ଦି ମିଶନ୍ ହାଇସ୍କୁଲରେ ୨୬ତମ ପିଲାଙ୍କ ବିଜ୍ଞାନ କଂଗ୍ରେସ ଲାଗି ଜିଲାସ୍ତରୀୟ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଚଳିତ ମାସ ଶେଷ ସପ୍ତାହରେ ଏହା ଆୟୋଜିତ ହେବ । ବିଭିନ୍ନ ବିଦ୍ୟାଳୟରୁ ଭାଗ ନେଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଜ୍ଞାନ କଂଗ୍ରେସ ଆୟୋଜନ ଏବଂ ପିଲାମାନେ କିଭଳି ପ୍ରକଳ୍ପ ପ୍ରସ୍ତୁତ କରିବେ, ସେ ସମ୍ପର୍କରେ ତାଲିମ୍ ଦିଆଯାଇଥିଲା । କର୍ମଶାଳାର ମୁଖ୍ୟ ବିଷୟ 'ଏକ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ରାଷ୍ଟ୍ର ଗଠନ ଲାଗି ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ନବ ଅନ୍ୱେଷ' ବିଷୟ ଉପରେ ଆଲୋଚନା ହୋଇଥିଲା । ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଦିଗ୍‌ଦର୍ଶନ ଦେଇଥିଲେ। କୁକୁଡ଼ାଖଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ଏସ୍. ଗିରିଧର ଏବଂ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଗୋକୁଳ କୃଷ୍ଣ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ସାଧନ କର୍ମୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଡ. ଶଙ୍କର ନାରାୟଣ ବେଜ୍ ସାଧାନକର୍ମୀ ଭାବେ ଯୋଗ ଦେଇଥିଲେ। ଏଥିରେ ସହାୟକ ପୁସ୍ତିକା ଉନ୍ମୋଚନ କରାଯାଇଥିଲା । ଉପେନ୍ଦ୍ର କୁମାର ପାଢୀ, କୈଳାସ ଚନ୍ଦ୍ର ସାହୁ, ପ୍ରଧାନ ଶିକ୍ଷକ ରଘୁନାଥ ଘଡ଼େଇ, ଅନୁଜ ନାୟକ, ରାମଚନ୍ଦ୍ର ମହାରଣା ଓ ଏ.ସୀମାଞ୍ଚଳପାତ୍ର ପରିଚାଳନା କରିଥିଲେ ।

## ନାବାଳିକାଙ୍କୁ ଅପହରଣ, ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

### ଫେସ୍‌ବୁକ୍‌ରୁ ଗଢି ଉଠିଥିଲା ପ୍ରେମ ସମ୍ପର୍କ

**ବ୍ରହ୍ମପୁର ଅଫିସ,୨୦।୧୧**

ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ବ୍ରହ୍ମପୁର ଟାଉନ ଥାନା ପୋଲିସ ସମ୍ପୃକ୍ତ ଅପହରଣକାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ଗିରଫ ଜଣକ ହେଲେ ହରିୟାଣା ରାଜ୍ୟ ଜିନ୍ଦି ଥାନା ଖାରାକ୍‌ବୁରା ଗ୍ରାମର ପାଲାରାମ ଠାକୁରଙ୍କ ପୁଅ ଆଶିଷ (୨୧)।

ପ୍ରକାଶ ଯେ, ଅଗଷ୍ଟ ୨୭ରେ ଟାଉନ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ କେହି ଅପହରଣ କରି ନେଇଯାଇଥିବା ନେଇ ଥାନାରେ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା । ପୋଲିସ ନଂ. ୧୭୩/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଉଥିବା ବେଳେ ଅଭିଯୁକ୍ତଙ୍କୁ ସୋମବାର ହରିୟାଣାରୁ ଗିରଫ କରି ମଙ୍ଗଳବାର ଡାକ୍ତରୀ ମାଇନା କରିବା ପରେ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ନୀହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି ।


ଗିରଫ ଆଶିଷ ଠାକୁର ।

ସୂଚନାଯୋଗ୍ୟ, ଜୁଲାଇରେ ଆଶିଷ ଏବଂ ଉକ୍ତ ନାବାଳିକାଙ୍କ ମଧ୍ୟରେ ଫେସ୍‌ବୁକରେ ପ୍ରଥମେ ବନ୍ଧୁତ୍ୱ ସ୍ଥାପନ ହୋଇଥିଲା । ଏହା ପରେ ଆଶିଷ ନାବାଳିକାଙ୍କୁ ପ୍ରେମ ନିବେଦନ କରିଥିଲେ । ନାବାଳିକା ଜଣଙ୍କ ଆଶିଷଙ୍କ ପ୍ରସ୍ତାବରେ ରାଜି ହୋଇଯାଇଥିଲେ । ଅଗଷ୍ଟ ୨୧ରେ ଆଶିଷ ହରିୟାଣାରୁ ଆସି ବ୍ରହ୍ମପୁରରେ ପହଞ୍ଚି ନାବାଳିକାଙ୍କୁ ସାଥିରେ ନେଇଯାଇଥିଲେ ।

### ଗରିବଙ୍କୁ ଶୀତବସ୍ତ୍ର ବଣ୍ଟନ

**ବ୍ରହ୍ମପୁର ଅଫିସ,୨୦।୧୧**

ହିଲପାଟଣା ସିଦ୍ଧ ବିନାୟକ ପୀଠରେ ମଙ୍ଗଳବାର କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱାଦଶୀରେ ଶତାଧିକ ଗରିବ ଓ ଅସହାୟ ମହିଳା, ପୁରୁଷଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ହିଞ୍ଜିଳିର ପୂର୍ବତନ ବିଧାୟକ ଉଦୟନାଥ ନାୟକ, ଅଶୋକ କୁମାର ସାହୁ, ସମ୍ପାଦକ ସୁରେନ୍ଦ୍ର ଚୌଧୁରୀ, ସୁଶାନ୍ତ କୁମାର ସାବତ, ସୁରେନ୍ଦ୍ର କୁମାର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

### ମହାନଗର ପୁସ୍ତକମେଳାର ପଞ୍ଚମ ସନ୍ଧ୍ୟା
## ସମାଜ ପରିବର୍ତ୍ତନରେ ମଞ୍ଚନାଟକ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବ୍ରହ୍ମପୁର ଅଫିସ,୨୦।୧୧**

ଗଞ୍ଜାମ ଜିଲା ପୁସ୍ତକମେଳା କମିଟି ପକ୍ଷରୁ ସ୍ଥାନୀୟ ଏସଏସଭିଟି ଗ୍ରାଉଣ୍ଡରେ ଚାଲିଥିବା ମହାନଗର ପୁସ୍ତକମେଳାର ପଞ୍ଚମ ଦିବସରେ ପହଞ୍ଚିଛି । ବିଶିଷ୍ଟ ମଞ୍ଚନାଟକ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ସେଠୀ ଉଦ୍‌ଘାଟନ କରି ପୁସ୍ତକମେଳାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ପଞ୍ଚମ ସନ୍ଧ୍ୟାରେ 'ମଞ୍ଚନାଟକ ଓ ତାର ସାମାଜିକ ପ୍ରଭାବ' ଉପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଗଞ୍ଜାମ ଜିଲା ମଞ୍ଚକଳାକାର ସମ୍ମିଳନୀର ସଭାପତି ବଳରାମ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମାଜର ପରିବର୍ତ୍ତନରେ ମଞ୍ଚନାଟକ ସର୍ବଦା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଥିବା ମୁଖ୍ୟଅତିଥି ନିଜ ବକ୍ତବ୍ୟରେ କହିଥିଲେ । ବିଶିଷ୍ଟ ସାମାଜିକକର୍ମୀ ଶରତ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି, ନାଟ୍ୟକାର ତ୍ରିପତି ନାୟକ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନାଟ୍ୟ କଳାକାର କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ପୁସ୍ତକମେଳା ନାଟ୍ୟ ସଂସ୍କୃତି ସମ୍ମାନ ପ୍ରଦାନ କରାଯାଇଥିଲା । କପିଳ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ସୁଶାନ୍ତ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦୀପ୍ତିମିତା ମହାପାତ୍ର, ନୀହାର ରଞ୍ଜନ ଦାଶ, ଗିରିଜା ଶତପଥୀ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଆରୟାନ ଡ୍ୟାନ୍ସ ଏକାଡେମୀର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ । କବି ନରେଶ କୁମାର ବେହେରା ଧନ୍ୟବାଦ ଦେଇଥିଲେ ।


ପର୍ଯ୍ୟଟକମାନେ ପୁସ୍ତକମେଳା ପରିଦର୍ଶନ କରୁଛନ୍ତି।

### ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ
## ପୁରୁଷରେ ଗଞ୍ଜାମ, ମହିଳାରେ ଖୋର୍ଦ୍ଧା ଚାମ୍ପିୟନ

**ବ୍ରହ୍ମପୁର ଅଫିସ,୨୦।୧୧**

କବିସୂର୍ଯ୍ୟନଗରରେ ୬୬ତମ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ପୁରୁଷ ବିଭାଗରେ ଗଞ୍ଜାମ ଚାମ୍ପିୟନ୍ ଏବଂ ଖୋର୍ଦ୍ଧା ରନର୍ସ ଅପ୍ ହୋଇଛି। ସେହିପରି ମହିଳା ବିଭାଗରେ ଖୋର୍ଦ୍ଧା ଚାମ୍ପିୟନ ଏବଂ ଗଞ୍ଜାମ ରନର୍ସ ଅପ୍ ହୋଇଛି। ଏହି ପ୍ରତିଯୋଗିତାରେ ୧୪ ଜିଲାରୁ ୧୫୭ ପ୍ରତିଯୋଗୀ ଭାଗ ନେଇଥିଲେ । ସିନିୟର ମହିଳା ବିଭାଗର ୪୫ କେଜି ଓଜନ ବର୍ଗରେ ମିନତୀ କୁମାରୀ ଦାଶ ପ୍ରଥମ, ୫୫ କେଜିରେ ମୋତି ଜାନି, ୫୯ କେଜିରେ ସାମ୍ବରି ସାମଲ, ୬୪ କେଜିରେ ଦେବକୀ ଖିଲା, ୭୧ କେଜିରେ ସଂଯୁକ୍ତା ସାହୁ, ୭୬ କେଜିରେ ଶୁଭସ୍ମିତା ମହାନ୍ତି, ୮୧ କେଜିରେ ଦାମିନୀ କୁମାର ସାହୁ, ୮୭ କେଜିରେ ବନିତା ଘଡ଼େଇ ଓ ୮୭ କେଜିରେ ସ୍ୱର୍ଣ୍ଣଲତା ପାତ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

ସିନିୟର ପୁରୁଷ ବିଭାଗର ୫୫ କେଜି ବର୍ଗରେ ଶ୍ରୀକାନ୍ତ ମଲିକ, ୬୧ କେଜିରେ ରଘୁନାଥ ଖିଲା, ୭୬ କେଜିରେ ବିଦ୍ୟାଧର ସାହୁ, ୭୩ କେଜିରେ କାହ୍ନୁ ଚରଣ ସାହୁ, ୮୧ କେଜିରେ ପ୍ରକାଶ କୁମାର ବେହେରା, ୮୯ କେଜିରେ ସୁରେଶ କୁମାର ଯାଦବ, ୯୬ କେଜିରେ ଆଦିତ୍ୟ କୁମାର ସାହୁ, ୧୦୨ରେ ରାମକୃଷ୍ଣ ସେଠୀ, ୧୦୯ କେଜିରେ ଶିବରାମ ସାହୁ ଏବଂ ସୁବ୍ରତ କୁମାର ଦାଶ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

ଜୁନିୟର ମହିଳା ବିଭାଗର ୪୫ କେଜିରେ ଜ୍ୟୋତି ବଡ଼ମୁଣ୍ଡି, ୫୫ କେଜିରେ ମୋତି ଜାନି, ୫୯ କେଜିରେ ସାମ୍ବରି ସାମଲ, ୬୪ କେଜିରେ ଦିବାକର ଖିଲ, ୭୧ କେଜିରେ ମୋନାଲି ସାହୁ, ୮୭ କେଜିରେ ବନିତା ଘଡ଼େଇ ପ୍ରଥମ ହୋଇଛନ୍ତି। ଯୁବ ବାଳିକା ବିଭାଗର ୪୦ କେଜିରେ ବାସନ୍ତୀ ମାଝି, ୪୫ କେଜିରେ ଜ୍ୟୋତି ବଡ଼ମୁଣ୍ଡି, ୪୯ କେଜିରେ ଦିବ୍ୟାବତୀ ରାଇକା, ୫୫ କେଜିରେ ଶାନ୍ତି ଜାବାସି, ୫୯ କେଜିରେ ସାମ୍ବରୀ ସାମଦ, ୬୪ କେଜିରେ ଦେବକୀ ଖିଲା, ୭୧ କେଜି ବର୍ଗରେ ମୋନାଲି ସାହୁ ପ୍ରଥମ ହୋଇଛନ୍ତି।


କୃତୀ ପ୍ରତିଯୋଗିଙ୍କ ଗହଣରେ ଅତିଥି ।

ଯୁବ ବାଳକ ବିଭାଗର ୪୯ କେଜିରେ ଭକ୍ତରାମ ଦାଶ, ୫୫ କେଜିରେ କୁମ୍ଭେଶ୍ୱର ମଲିକ, ୬୧ କେଜିରେ ରଘୁନାଥ ଖିଲା, ୬୭ କେଜିରେ କୁଲଦୀପ ସାହୁ ପ୍ରଥମ ହୋଇଛନ୍ତି । କନିଷ୍ଠ ବାଳକ ବିଭାଗର ୫୫ କେଜିରେ ଶ୍ରୀକାନ୍ତ ମଲିକ, ୬୧ କେଜିରେ ରଘୁନାଥ ଖିଲା, ୬୭ କେଜିରେ ବିଦ୍ୟାଧର ସାହୁ, ୭୩ କେଜିରେ ସୁମନ୍ତ ମାଝି, ୮୧ କେଜିରେ ନନ୍ଦ କୁମାର ସାହୁ, ୯୬ କେଜିରେ ଆଦିତ୍ୟ କୁମାର ସାହୁ ଏବଂ ୧୦୨ କେଜିରେ ଶିବରାମ ପ୍ରଥମ ହୋଇଛନ୍ତି । ଟୁର୍ନାମେଣ୍ଟକୁ ୧୫ ଜଣ ରେଫରି ଭାବେ ପରିଚାଳନା କରିଥିଲେ। ପ୍ରତିଯୋଗିତାକୁ ଆସିକା ଏମ୍‌ପି ଲଡୁ କିଶୋର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ । କେ. ରବି କୁମାର, ଦେବବ୍ରତ ଚକ୍ର, ରାଜ୍ୟ ସମ୍ପାଦକ ନାରାୟଣ ସାହୁ, ଉପଦେଷ୍ଟା ରବି ରଥ, ନଗରପାଳ ଲକ୍ଷ୍ମୀପ୍ରିୟା ସାହୁ, ମନୋରଞ୍ଜନ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢୀ, ରାଜ୍ୟ ସଂଘର ଉପସଭାପତି ତଥା ଜିଲା ସଭାପତି କୁମୁଦ ଚନ୍ଦ୍ର ସାହୁ, କଲେଜ ଅଧ୍ୟକ୍ଷ ପ୍ରାଣକୃଷ୍ଣ ପଟ୍ଟନାୟକ, ସମ୍ପାଦକ ଗାଗାରିନ ନାୟକ, ବ୍ଲକ ଉପାଧ୍ୟକ୍ଷା ସଂଗୀତା ସ୍ୱାଇଁ ପ୍ରମୁଖ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ସୀତା ପ୍ରସାଦ ପଟ୍ଟନାୟକ, ପି.କେ. ସାହାଣୀ, ରମେଶ ପାଢ଼ୀ, ଏସ୍. ରାମାରାଓ, ପି.କେ. ସାହୁ, ବିକ୍ରମ ସ୍ୱାଇଁ, ଦିଲୀପ ବେହେରା ଓ ପୂର୍ଣ୍ଣ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

■ କୁଇ ସମାଜ ସମନ୍ୱୟ ସମିତିର ପ୍ରତିଷ୍ଠା ଦିବସ

# ‘ଗଞ୍ଜେଇ ଚାଷକୁ ଆଇନ ସମ୍ମତ କରାଯାଉ’

**ଫୁଲବାଣୀ ଅଫିସ, ୨୦।୧୧**


ମଞ୍ଚରେ କୁଇ ସମାଜ କର୍ମକର୍ତ୍ତା ଏବଂ ଅନ୍ୟମାନେ ।

କନ୍ଧମାଳ ଜିଲା କୁଇ ସମାଜ ସମନ୍ୱୟ ସମିତିର ପ୍ରତିଷ୍ଠା ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ପୁରୁଣା ଦାବି ଦୋହରାଯାଇ କିଛି ନୂଆ ଦାବି ରଖାଯାଇଛି । ଗଞ୍ଜେଇ ଚାଷକୁ ସରକାର ଆଇନ ସମ୍ମତ କରନ୍ତୁ ବୋଲି ଦାବି ଉଠିଛି। ଜିଲାରେ ଗଞ୍ଜେଇ ଚାଷ ଭଲ ହେଉଛି, ତେଣୁ ସରକାର ଚାଷୀଙ୍କୁ ଲାଇସେନ୍ସ ପ୍ରଦାନ କରି ମଣ୍ଡି ଖୋଲି ସେସବୁ ସଂଗ୍ରହ କରନ୍ତୁ। ସେହିପରି ଜିଲାରେ ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ବାଳିକା ବିଦ୍ୟାଳୟରେ କେବଳ ମହିଳା ଶିକ୍ଷକ ଏବଂ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉ ବୋଲି କୁଇ ସମାଜ ଦାବି କରିଛି । ଜିଲାର ପ୍ରଶାସନିକ ଅଧିକାରୀ ଯଦି ସରକାରଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ଟାଳଟୁଳ ନୀତି ଦେଖାଇଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି କୁଇ ସମାଜ ପ୍ରକାଶ କରିଛି । ଫୁଲବାଣୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପାଖ କୁଇ ସମାଜ କାର୍ଯ୍ୟାଳୟ ପାଖରୁ ଏକ ବିଶାଳ ରାଲି ବାହାରି ସହର ପରିକ୍ରମା କରିଥିଲା । ଏହାପରେ ସମସ୍ତେ ଆସି କରୋନେଶନ ପଡିଆରେ ଏକାଠି ହୋଇଥିଲେ । ସେଠାରେ ଅନୁଷ୍ଠିତ ସଭାରେ କୁଇ ସମାଜର କର୍ମକର୍ତ୍ତା ଯୋଗଦେଇ ସେମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜିଲାରେ ଜାଲ ଜାତିଗତ ପ୍ରମାଣପତ୍ର ଦେଇ ଚାକିରି କରିଥିବା ଲୋକଙ୍କୁ ଚିହ୍ନଟ କରିବା, ଅନୁସୂଚିତ ଜନଜାତି ଅଞ୍ଚଳରେ ପେସା ଆଇନ କଡାକଡି ଭାବେ ପାଳନ କରିବା, ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ମଧ୍ୟ ଦାବି କରାଯାଇଥିଲା।

କନ୍ଧମାଳ ଜିଲା ପାହାଡିଆ ଅଞ୍ଚଳ। ଏଠାରେ ଚାଷ ସେତେ ଭଲ ହୁଏ ନାହିଁ। ଯଦି ଗଞ୍ଜେଇ ଚାଷ ଭଲ ହେଉଛି, ତାହାଲେ ସରକାର ଏହାକୁ ଆଇନ ସମ୍ମତ କରନ୍ତୁ। ଯଦ୍ୱାରା ଚାଷୀମାନେ ଜୀବନ ଜୀବିକା ନିର୍ବାହ କରିପାରିବେ ବୋଲି କୁଇ ସମାଜ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ଲମ୍ବୋଦର କହଁର କହିଛନ୍ତି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ସୁନ୍ଦରଗଡର ସାମାଜିକ କର୍ମୀ ବିନୟ କୁଲୁ, ବାସିଲ୍ ଏକ୍କା, ଓଡିଶା ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ସଭାପତି ଲବଘନ ମୁର୍ମୁ, କୁଇ ସମାଜର ଜିଲାସ୍ତରୀୟ କର୍ମକର୍ତ୍ତା ଏବଂ ଅନ୍ୟମାନେ କାର୍ଯ୍ୟକ୍ରମରେ ଯୋଗଦେଇ ସେମାନଙ୍କ ବକ୍ତବ୍ୟ ରଖିଥିଲେ ।

■ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟ

# ଚିକିତ୍ସା ଅବହେଳାରୁ ନବଜାତକଙ୍କ ମୃତ୍ୟୁ ଅଭିଯୋଗ

**ବାଲିଗୁଡା,୨୦।୧୧(ଡି.ଏନ୍.ଏ.)**

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ଏକ ନବଜାତ ଶିଶୁପୁତ୍ରର ମୃତ୍ୟୁକୁ ନେଇ ମଙ୍ଗଳବାର ସନ୍ଧ୍ୟାରେ ଉତ୍ତେଜନା ଦେଖା ଦେଇଛି। ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ପରିବାର ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, କଳାହାଣ୍ଡି ଜିଲା ରାମପୁର ଗ୍ରାମର ଲୋଚନ ପାତ୍ରଙ୍କ ସ୍ତ୍ରୀ ମାଧୁରୀ ସୋମବାର ବାଲିଗୁଡା ମେଡିକାଲରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଜନ୍ମ ପରେ ମା’ ଶିଶୁ ସୁସ୍ଥ ଥିଲେ। ପରେ ଶିଶୁ ଦେହର ତାତି ବଢିବାରୁ ବାରମ୍ବାର ଡାକ୍ତରଙ୍କୁ ଡାକିଥିଲେ ମଧ୍ୟ କେହି ଶୁଣି ନ ଥିବା ଲୋଚନ ଅଭିଯୋଗ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଶିଶୁଟିର ମୃତ୍ୟୁ ହୋଇଯାଇଥିଲା। ଏନେଇ ମେଡିକାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉପଖଣ୍ଡ ଚିକିତ୍ସାଧିକାରୀ ଡ. ଉମାଶଙ୍କର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ଗଣିତ ମେଧାବୃତ୍ତି ପରୀକ୍ଷା

**ବୁଗୁଡ଼ା, ୨୦।୧୧ (ଡି.ଏନ.ଏ.)**

ବୁଗୁଡ଼ା ଏନ୍‌ଏସି ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ଓ ପିଫୁଲ୍ସ ହାଇସ୍କୁଲ ବୁଗୁଡ଼ା କେନ୍ଦ୍ରରେ ସୋମବାର ଅନୁଷ୍ଠିତ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ମୋଟ ୩୬୦ ଜଣ ପରିକ୍ଷାର୍ଥୀଙ୍କ ମଧ୍ୟରୁ ୩୨୬ ଜଣ ପରୀକ୍ଷା ଦେଇଛନ୍ତି। ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ମୋଟ ୧୮୧ ଜଣଙ୍କ ମଧ୍ୟରୁ ୧୭୦ ଓ ପିଫୁଲ୍ସ ହାଇସ୍କୁଲ କେନ୍ଦ୍ରରେ ୧୭୯ ଜଣଙ୍କ ମଧ୍ୟରୁ ୧୫୬ ପରୀକ୍ଷା ଦେଇଛନ୍ତି। ପ୍ରମୋଦ କୁମାର ମହାପାତ୍ର, କାଳୀଚରଣ ବେହେରା ଦାୟିତ୍ୱ ତୁଲାଇଥିଲେ। ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ପର୍ଯ୍ୟବେକ୍ଷକ ରୂପେ ଦାୟିତ୍ୱ ତୁଲାଇଥିଲେ।


**Indian Bank ଇଣ୍ଡିଆନ୍ ବ୍ୟାଙ୍କ** | ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

ପରିଶିଷ୍ଟ-୪ [ରୁଲ୍-୮(୧)]
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସଂପତ୍ତିଗୁଡିକୁ **ଦଖଲ** ନେଇଛନ୍ତି । ଏତଦ୍ଦ୍ୱାରା ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସଂପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସଂପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଖର୍ଚ୍ଚ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

| ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ /ଦଖଲ ନୋଟିସ୍ ତାରିଖ | ସ୍ଥାବର ସଂପତ୍ତିର ବିବରଣୀ |
|---|---|---|---|
| **ଶୈଳଶ୍ରୀ ବିହାର ଶାଖା /** **ଋଣଗ୍ରହୀତା: ଶ୍ରୀ ଅଜୟ କୁମାର ସାମଲ,** ପିତା: ଶ୍ରୀ ବିଷ୍ଣୁ ଚରଣ ସାମଲ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ନମିତା ସାମଲ,** ସ୍ୱାମୀ: ଶ୍ରୀ ଅଜୟ କୁମାର ସାମଲ, **୨) ଶ୍ରୀ ଅନିଲ କୁମାର ସମାଲ,** ସମସ୍ତଙ୍କ ଠିକଣା: ସା: ଏଲ୍‌ଆଇଜି-ଏଲ୍-୧୯/୯, ହାଉସିଂବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୧୦୨୧ | ୧୫.୧୧.୨୦୧୮ ସୁଦ୍ଧା ଟ.୧୭,୧୪,୭୪୧.୬୪ + ସେବାବଦ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୨୪.୦୭.୨୦୧୮ / ୧୫.୧୧.୨୦୧୮ | **ଶ୍ରୀ ଅଜୟ କୁମାର ସାମଲ**ଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୭୨, ପ୍ଲଟ୍ ନଂ.: ୨୪୧ (ଅଂଶ), କ୍ଷେତ୍ର: ୨୬୫ ବର୍ଗଫୁଟ, ଫ୍ଲାଟ୍ ନଂ.: ଏଲ୍‌ଆଇଜି-ଏଲ୍-୧୯/୯, ମୌଜା: ଚନ୍ଦ୍ରଶେଖରପୁର, ଏସ୍‌ଆରଓ: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଚନ୍ଦ୍ରଶେଖରପୁର ଫେଜ୍-୧, ହାଉସିଂ ବୋର୍ଡ କଲୋନୀ ଓଏସ୍‌ଏଚ୍‌ବି, ଭୁବନେଶ୍ୱର-୭୫୧୦୦୧, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ହାଉସ୍ ନଂ.: ଏଲ୍୧୯/୧୨, ଦକ୍ଷିଣ: ଏଲ୍‌ଆଇଜି ବ୍ଲକ୍-୧୮ |
| **ବାଲିଆପାଳ ଶାଖା /** **ଋଣଗ୍ରହୀତା: ଶ୍ରୀ ସୁଧାଂଶୁ ଶେଖର ବେହେରା,** ପିତା: ଶ୍ରୀ ଭାଗିରଥି ବେହେରା / **ଗ୍ୟାରେଣ୍ଟିଦାତାମାନେ:** ୧) ଭାଗୀରଥି ବେହେରା, ପିତା: ଗୋପାଳ ବେହେରା, ୨) ସରସ୍ୱତୀ ବେହେରା, ସ୍ୱାମୀ: ଭାଗୀରଥି ବେହେରା, ସମସ୍ତଙ୍କ ବାସଗୃହ ଠିକଣା: ନେଉଳା, ପୋ.: ବରୀ, ଜିଲ୍ଲା: ଯାଜପୁର, ଓଡିଶା-୭୫୫୦୦୩ | ୦୧.୦୬.୨୦୧୮ ସୁଦ୍ଧା ଟ.୧୬,୭୮,୪୮୪/- + ସେବାବଦ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୦୧.୦୬.୨୦୧୮ / ୧୪.୧୧.୨୦୧୮ | **ଶ୍ରୀ ସୁଧାଂଶୁ ଶେଖର ବେହେରାଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଗ୍ରାମ: ନେଉଳା, ତହସିଲ/ଏସ୍‌ଆରଓ: ବରୀ, ପ୍ଲଟ୍ ନଂ.: ୯୧୫, ଖାତା ନଂ.: ୪୭୬, କ୍ଷେତ୍ର: ଏକର୦.୩୦ଡିସିମିଲି, ପ୍ଲଟ୍ ନଂ.: ୯୧୬/୧୯୦୧, ଖାତା ନଂ.: ୬୭୦/୨୯, କ୍ଷେତ୍ର: ଏକର୦.୦୮ଡିସିମିଲି ଏବଂ ପ୍ଲଟ୍ ନଂ.: ୧୦୮୬, ଖାତା ନଂ.: ୬୭୦/୧୩୭, କ୍ଷେତ୍ର: ଏକର୦.୧୦ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜସ୍ୱ ପ୍ଲଟ୍, ଦକ୍ଷିଣ: ରାସ୍ତା, ପୂର୍ବ: ବିବେକାନନ୍ଦ ଦାସ ଏବଂ ଗୁରୁଚରଣ ଦାସ, ପଶ୍ଚିମ: ଆଦିତ୍ୟ ଦାସ, ଅନିରୁଦ୍ଧ ଦାସ ଏବଂ ଅନ୍ୟମାନେ |
| **ବାରିପଦା ଶାଖା /** **ଋଣଗ୍ରହୀତାମାନେ: ୧) ଶ୍ରୀ ପ୍ରଶାନ୍ତ କୁମାର ସାହା, ୨) ଶ୍ରୀମତୀ ରଶ୍ମି ପ୍ରକାଶ ସାହା,** ସ୍ୱାମୀ: ଶ୍ରୀ ପ୍ରଶାନ୍ତ କୁମାର ସାହା, ଉଭୟଙ୍କ ବାସସ୍ଥାନ ଠିକଣା- ସା: ୱାର୍ଡ ନଂ.: ୦୯, ମଧୁବନ, ବାରିପଦା, ଜିଲ୍ଲା: ମୟୁରଭଞ୍ଜ, ଓଡ଼ିଶା, ପିନ୍-୭୫୭୦୦୧ | ୧୫.୧୧.୨୦୧୮ ସୁଦ୍ଧା ଟ.୯,୭୧,୦୨୩/- + ସେବାବଦ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧୬.୦୭.୨୦୧୬ / ୧୫.୧୧.୨୦୧୮ | **ଶ୍ରୀ ପ୍ରଶାନ୍ତ କୁମାର ସାହା ଏବଂ ଶ୍ରୀମତୀ ରଶ୍ମୀ ପ୍ରକାଶ ସାହାଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୨୨/୯୫୪, ପ୍ଲଟ୍ ନଂ.: ୪୯୨/୭୬୯/୨୪୩୦, କ୍ଷେତ୍ର: ଏକର୦.୦୬ଡିସିମିଲି, ୟୁନିଟ୍ ନଂ.: ୭, ଦେଉଳସାହି, ଥାନା: ବାରିପଦା, ଜିଲ୍ଲା: ମୟୁରଭଞ୍ଜ, ଓଡ଼ିଶା-୭୫୭୦୦୧, ଏହାର ଚାରିପାର୍ଶ୍ୱରେ ପୂର୍ବ: ରତିକାନ୍ତ ସାମଲ, ପଶ୍ଚିମ: ଶରତ ଚନ୍ଦ୍ର ପାଣିଗ୍ରାହି, ଉତ୍ତର: ମିଳନ ଅଧିକାରୀ, ଦକ୍ଷିଣ: ରାସ୍ତା |
| **ବାରିପଦା ଶାଖା /** **ଋଣଗ୍ରହୀତାମାନେ: ୧) ଶ୍ରୀ ପ୍ରତାପ ଚନ୍ଦ୍ର ଘଡେଇ,** ପିତା: ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଘଡେଇ, **୨) ଶ୍ରୀମତୀ କବିତା ଘଡେଇ,** ସ୍ୱାମୀ: ଶ୍ରୀ ପ୍ରତାପ ଚନ୍ଦ୍ର ଘଡେଇ (କୋ-ଆପ୍ଲିକାଣ୍ଟ), ଉଭୟଙ୍କ ବାସଗୃହ ଠିକଣା- ସା: ତୁଳସୀ ଚୌରା, ୱାର୍ଡ ନଂ.: ୧୪, ଥାନା: ବାରିପଦା, ମୟୁରଭଞ୍ଜ, ଓଡ଼ିଶା | ୦୪.୦୭.୨୦୧୮ ସୁଦ୍ଧା ଟ.୪,୪୩,୧୦୬/- + ସେବାବଦ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୦୪.୦୭.୨୦୧୮ / ୧୫.୧୧.୨୦୧୮ | **ଶ୍ରୀ ପ୍ରତାପ ଚନ୍ଦ୍ର ଘଡେଇ ଏବଂ ଶ୍ରମୀତୀ କବିତା ଘଡେଇଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୩୨/୧୧୯୦, ପ୍ଲଟ୍ ନଂ.: ୨୮୫/୨୧୫୮, କ୍ଷେତ୍ର: ଏକର୦.୦୨୧ଡିସିମିଲି, ୱାର୍ଡ ନଂ.: ୧୪, ସୁନଗାଡିଆ ସାହି, ଥାନା: ବାରିପଦା, ଜିଲ୍ଲା: ମୟୁରଭଞ୍ଜ, ଓଡ଼ିଶା-୭୫୭୦୦୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ନଦୀ, ଦକ୍ଷିଣ: ରାସ୍ତା, ପୂର୍ବ: ଗୋକୁଳି ଘଡେଇ, ପଶ୍ଚିମ: ଜୟରାମ ଘଡେଇ |
| **ପୁରୀ ଶାଖା /** **ଋଣଗ୍ରହୀତା: ଶ୍ରୀ ଦାମୋଦର ସାହୁ,** ପିତା: ଶ୍ରୀ କାଳୁ ଚରଣ ସାହୁ / **ଗ୍ୟାରେଣ୍ଟିଦାତା: ଶ୍ରୀ ଶ୍ୟାମ ସୁନ୍ଦର ସାହୁ,** ପିତା: ଶ୍ରୀ କାଳୁ ଚରଣ ସାହୁ, ଉଭୟଙ୍କ ବାସସ୍ଥାନ ଠିକଣା- ପ୍ଲଟ୍ ନଂ.: ୪୪୦/୧୨୯୩ ଏବଂ ୪୪୦/୧୨୯୪, ଗୁଡିଆ ସାହି, ବାଣିପତି ଲେନ୍, ପୁରୀ-୭୫୨୦୦୧ | ୧୫.୧୧.୨୦୧୮ ସୁଦ୍ଧା ଟ.୯,୪୦,୩୪୯/- + ସେବାବଦ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୩୧.୦୭.୨୦୧୮ / ୧୫.୧୧.୨୦୧୮ | **ଶ୍ରୀ ଶ୍ୟାମ ସୁନ୍ଦର ସାହୁଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୫୯/୧୨୧, ପ୍ଲଟ୍ ନଂ.: ୪୪୦/୧୨୯୩ ଏବଂ ୪୪୦/୧୨୯୪, ପରିମିତ କ୍ଷେତ୍ର: ଏକର୦.୦୧୪ଡିସିମିଲ, ମୌଜା: ଗୁଡିଆ ସାହି, ପୁରୀ ଟାଉନ୍, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: କନକଲତା ମିଶ୍ର, ଦକ୍ଷିଣ: ମଧୁସୁଦନ ମହାପାତ୍ର, ପୂର୍ବ: ରାସ୍ତା, ପଶ୍ଚିମ: କ୍ରେତାଙ୍କ ଅଂଶ |
| **ଜଗତ୍‌ସିଂହପୁର ଶାଖା /** **ଋଣଗ୍ରହୀତାମାନେ: ୧) ଶ୍ରୀ ରବିନ୍ଦ୍ର କୁମାର ବିଶ୍ୱାଳ,** ପିତା: ସ୍ୱ ସୁନାକର ବିଶ୍ୱାଳ, **୨) ଶ୍ରୀମତୀ ରୋକାଲିନୀ ବିଶ୍ୱାଳ** (କୋ-ଆପ୍ଲିକାଣ୍ଟ), ସ୍ୱାମୀ: ଶ୍ରୀ ରବିନ୍ଦ୍ର କୁମାର ବିଶ୍ୱାଳ, ଉଭୟଙ୍କ ବାସସ୍ଥାନ ଠିକଣା- ସା: ବଡଗାଁ, ପୋ.: ତେରାଟାଙ୍ଗ, ଥାନା: ବାଲିକୁଦା, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା | ୧୪.୧୧.୨୦୧୮ ସୁଦ୍ଧା ଟ.୧୭,୯୩,୯୬୭/- + ସେବାବଦ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧୧.୦୯.୨୦୧୮ / ୧୪.୧୧.୨୦୧୮ | **ଶ୍ରୀ ରବିନ୍ଦ୍ର କୁମାର ବିଶ୍ୱାଳଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୬, ପ୍ଲଟ୍ ନଂ.: ୧୦୫୪, କ୍ଷେତ୍ର: ଏକର୦.୦୩ଡିସିମିଲିରୁ ଏକର୦.୦୧ଡିସିମିଲି ୫କଡି, ଉତ୍ତର ପାର୍ଶ୍ୱକୁ ଘରବାରୀ, ମୌଜା: ଇଶ୍ୱରପୁର, ଏସ୍‌ଆରଓ/ତହସିଲ: ବାଲିକୁଦା, ତହସିଲ ନଂ.: ୨୩୫, ଥାନା: ବାଲିକୁଦା, ଥାନା ନଂ.: ୧୬୨, ବିକ୍ରୟ ଦଲିଲ୍ ନଂ.: ୧୦୨୦, ତାରିଖ: ୦୫.୧୦.୨୦୦୪, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶ୍ରୀ ସତ୍ୟାନନ୍ଦ ଲେଙ୍କାଙ୍କ ପ୍ଲଟ୍, ଦକ୍ଷିଣ: ଶ୍ରୀ ଯୋଗେନ୍ଦ୍ର ବିଶ୍ୱାଳଙ୍କ ପ୍ଲଟ୍, ପୂର୍ବ: କଟକ-ମାଛଗାଁ ରାସ୍ତା, ପଶ୍ଚିମ: ଶ୍ରୀ ବିକେଇ ଲେଙ୍କାଙ୍କ ପ୍ଲଟ୍ ଏବଂ ଅନ୍ୟମାନେ |
| **ଜଗତ୍‌ସିଂହପୁର ଶାଖା /** **ଋଣଗ୍ରହୀତା: ଶ୍ରୀ ଦିଲ୍ଲିପ କୁମାର ପଟ୍ଟନାୟକ,** ପିତା: ଶ୍ରୀ ଶରତ ଚନ୍ଦ୍ର ପଟ୍ଟନାୟକ, **ଗ୍ୟାରେଣ୍ଟିଦାତା: ଶ୍ରୀ ଅଶ୍ୱିନୀ କୁମାର ପଟ୍ଟନାୟକ,** ପିତା: ଶ୍ରୀ ଦିଲ୍ଲିପ କୁମାର ପଟ୍ଟନାୟକ, ଉଭୟଙ୍କ ବାସସ୍ଥାନ ଠିକଣା- ସା: ଖେରାସ, ପୋ.: ଜଗତ୍‌ସିଂହପୁର, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା, ପିନ୍-୭୫୪୧୦୩, | ୧୪.୧୧.୨୦୧୮ ସୁଦ୍ଧା ଟ.୫,୩୪,୪୭୪/- + ସେବାବଦ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୨୦.୦୪.୨୦୧୮ / ୧୪.୧୧.୨୦୧୮ | **ଶ୍ରୀ ଅଶ୍ୱିନୀ କୁମାର ପଟ୍ଟନାୟକଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୪, ପ୍ଲଟ୍ ନଂ.: ୯୨, କ୍ଷେତ୍ର: ଏକର୦.୨୩ଡିସିମିଲି ଏବଂ ପ୍ଲଟ୍ ନଂ.: ୯୩, କ୍ଷେତ୍ର: ଏକର୦.୦୯ଡିସିମିଲି, ଚକ ନଂ.: ୮୪, ପ୍ଲଟ୍ ନଂ.: ୩୫୨, କ୍ଷେତ୍ର: ଏକର୦.୩୦ଡିସିମିଲି, ମୌଜା: ସିଙ୍ଗିପୁର, ଥାନା ନଂ.: ୩୨୩, ଏସ୍‌ଆରଓ/ତହସିଲ: ଜଗତ୍‌ସିଂହପୁର, ଜିଲ୍ଲା: ଜଗତ୍‌ସିଂହପୁର, **ପ୍ଲଟ୍ ନଂ.: ୯୨ ଏବଂ ୯୩ ଗୋଟିଏ ସଂଲଗ୍ନ କ୍ଷେତ୍ର** ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା ଏବଂ ତାରକେଶ୍ୱର ବେହେରାଙ୍କ ପ୍ଲଟ୍, ଦକ୍ଷିଣ: ରାସ୍ତା ଏବଂ ଗୌରୀ ସାମଲଙ୍କ ପ୍ଲଟ୍, ପୂର୍ବ: ନାରଣ ମଲ୍ଲିକ, ପଶ୍ଚିମ: ରାସ୍ତା ଏବଂ ରବିନ୍ଦ୍ର ପୋଥାଳଙ୍କ ପ୍ଲଟ୍, ପ୍ଲଟ୍ ନଂ.: ୩୫୨ର ଚାରିପାର୍ଶ୍ୱରେ ଉତ୍ତର: ଫକିର ମୋହନ ସାହୁ, ଦକ୍ଷିଣ: ଭାଗବତ ଗୋସାଇଁ ଏବଂ ଚୈତନ୍ୟ ଚରଣ ସ୍ୱାଇଁ ଏବଂ ଅନ୍ୟମାନେ |

**ସ୍ଥାନ: ଭୁବନେଶ୍ୱର, ତାରିଖ : ୨୦.୧୧.୨୦୧୮** — **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**



iitf 2018

# ଓଡ଼ିଶା ରାଜ୍ୟ ଦିବସ ପାଳନ

## ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୧୮

## ପ୍ରଗତି ମଇଦାନ, ନୂଆଦିଲ୍ଲୀ

**ତା.୨୧.୧୧.୨୦୧୮**

**ସ୍ଥାନ : ନୂଆ ହଂସଧ୍ୱନି ପ୍ରେକ୍ଷାଳୟ** — **ସମୟ : ଅପରାହ୍ଣ ଘ.୩.୦୦- ଘ.୪.୩୦**

ମୁଖ୍ୟ ଅତିଥି : **ଶ୍ରୀଯୁକ୍ତ ପ୍ରତାପ ଜେନା,**
ମାନ୍ୟବର ମନ୍ତ୍ରୀ, ସୂଚନା ଓ ଲୋକସମ୍ପର୍କ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ୍, ଓଡ଼ିଶା

ବିଶିଷ୍ଟ ଅତିଥି: **ଡ. ସୁନୀଲ କୁମାର ଭାର୍ଗବ**, ଆଇ.ଏ.ଏସ୍,
ମୁଖ୍ୟ ଆବାସିକ କମିଶନର, ଓଡ଼ିଶା ସରକାର, ନୂଆଦିଲ୍ଲୀ
**ଶ୍ରୀଯୁକ୍ତ ହେମନ୍ତ କୁମାର ଶର୍ମା**, ଆଇ.ଏ.ଏସ୍,
କମିଶନର ତଥା ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ଏବଂ ଶକ୍ତି ବିଭାଗ, ଓଡ଼ିଶା ସରକାର

ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ।

## ସାଂସ୍କୃତିକ କାର୍ଯ୍ୟକ୍ରମ

| | |
|---|---|
| ଓଡ଼ିଶୀ ନୃତ୍ୟ : | ଶ୍ରୀ ଆଶୋକ କୁମାର ଘୋଷାଲ ଏବଂ ସାଥୀ<br>ନୃତ୍ୟଶାଳା, ଭୁବନେଶ୍ୱର |
| ସିଂହାରି ନୃତ୍ୟ : | ଶ୍ରୀ ଧ୍ୟାନାନନ୍ଦ ପଣ୍ଡା ଏବଂ ସାଥୀ<br>ପ୍ରତିଭା, ଭବାନୀପାଟଣା, କଳାହାଣ୍ଡି |
| ମାହାରୀ ନୃତ୍ୟ : | ଶ୍ରୀମତୀ ଚନ୍ଦ୍ରିକା ରଣା ଏବଂ ସାଥୀ<br>ସାଇ ଶ୍ରୀ ପ୍ରତିଷ୍ଠାନ, ଭୁବନେଶ୍ୱର |
| ଢ଼ାପ୍ ନୃତ୍ୟ : | ଶ୍ରୀ ବାସୁଦେବ ସା ଏବଂ ସାଥୀ<br>ଦୁଲଦୁଲୀ କଳାପରିଷଦ, ବଲାଙ୍ଗୀର |
| ନୃତ୍ୟ ଓ ସଙ୍ଗୀତ ପରିବେଷଣ:<br>(ଆଉ ନକର ବାହାନା ଓ ରସଗୋଲା) | ଶ୍ରୀମତୀ ସୁସ୍ମିତା ଦାସ ଏବଂ ସାଥୀ<br>ଭୁବନେଶ୍ୱର |
| ଯୋଡ଼ି ଶଙ୍ଖ ଓ ରଣପା : | ଶ୍ରୀ ଏସ୍.ଭେଙ୍କଟ ରାଓ ରେଡ୍ଡି ଓ ସାଥୀ<br>ଗଞ୍ଜାମ ଲୋକନୃତ୍ୟ କେନ୍ଦ୍ର, ଗଞ୍ଜାମ |




ଏହି ସମାରୋହରେ ବହୁ ସଂଖ୍ୟାରେ ଯୋଗଦେବାକୁ ବିନମ୍ର ନିବେଦନ ।

**ଲକ୍ଷ୍ମୀଧର ମହାନ୍ତି**
**ନିର୍ଦ୍ଦେଶକ**
**ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର**

15001/13/0417/1819
DADLS-191

## ସଂକ୍ଷେପରେ

### ଅଗ୍ନିଶମ ବିଭାଗର ମକ୍ ଡ୍ରିଲ୍



**ବ୍ରହ୍ମପୁର ଅଫିସ୍,୨୦।୧୧:** ସ୍ଥାନୀୟ ସେଣ୍ଟ୍ ଭିନସେଣ୍ଟ୍ କନଭେଣ୍ଟ୍ ସ୍କୁଲ ପରିସରରେ ମଙ୍ଗଳବାର ବ୍ରହ୍ମପୁର ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ମୁକାବିଲା ସଚେତନତା ସମ୍ପର୍କିତ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସୁରେଶ ମିଶ୍ର, ସନାତନ ମହାପାତ୍ର, ଅରବିନ୍ଦ ପ୍ରଧାନ ଓ ଦେବଦତ୍ତ ନାୟକ ପ୍ରମୁଖ କର୍ମଚାରୀମାନେ ଅଗ୍ନିକାଣ୍ଡ ଏବଂ ପ୍ରାକୃତିକ ବିପର୍ଯ୍ୟୟରେ ଧନଜୀବନ ବଞ୍ଚାଇବା ସମ୍ପର୍କରେ ଡେମୋ ଦେଖାଇ ସଚେତନତା ସୃଷ୍ଟି କରିଥିଲେ । ଏଲପିଜି ସିଲିଣ୍ଡରରୁ ଗ୍ୟାସ୍ ନିର୍ଗତ, ଶର୍ଟ ସର୍କିଟ, ପେଟ୍ରୋଲ ଡିଜେଲ ଆଦିରେ ନିଆଁ ଲାଗି ଅଗ୍ନିକାଣ୍ଡ ଘଟିଲେ କିଭଳ ମୁକାବିଲା କରାଯାଇ ଧନ ଜୀବନ ବଞ୍ଚାଯାଇ ପାରିବ ସେନେଇ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗଛ ପଡି ରାସ୍ତା ଅବରୋଧ ହେଲେ ଅଗ୍ନିଶମ ବିଭାଗ ପକ୍ଷରୁ ପାୱାର୍ ସା (ଗଛ କଟା ଯନ୍ତ୍ର) ଦ୍ୱାରା ରାସ୍ତା ପରିଷ୍କାର କରାଯାଉଥିବା ବେଳେ ବନ୍ୟାରେ ପାୱାର୍ ବୋଟ୍, ଲାଇଫ୍ ଗାର୍ଡ ମାଧମରେ କିପରି ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷା ଦିଆଯାଉଛି ସେନେଇ ସଚେତନତା କରାଯାଇଥିଲା । ସେହିପରି ଜରୁରୀ ସମୟରେ ନିଜ ଏବଂ ଅନ୍ୟର ସୁରକ୍ଷା ଲାଗି ପ୍ରତୀକାତ୍ମକ ପନ୍ଥା ଅବଲମ୍ବନ ସମ୍ବନ୍ଧରେ ବୁଝାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜୀବ ଲୋଚନ ନାୟକ, କୁଳମଣି କିଷାନ ଓ ଶ୍ରୀନିବାସ ବେଉରା ପ୍ରମୁଖ ଅଗ୍ନିଶମ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

### ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ସପ୍ତାହ ଉଦ୍‌ଯାପିତ

ଆସିକା,୨୦।୧୧(ଡି.ଏନ୍.ଏ.)- ରାଜ୍ୟ ଶିଶୁ ସୁରକ୍ଷା ସମିତି ଆହ୍ୱାନରେ ଗଞ୍ଜାମ ଜିଲା ଶିଶୁ ସୁରକ୍ଷା ସମିତି ପକ୍ଷରୁ ସପ୍ତାହେ ଧରି ଜିଲାରେ ଚାଲିଥିବା ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ସପ୍ତାହ ମଙ୍ଗଳବାର ଆସିକାରେ ଉଦ୍‌ଯାପିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଓ ମିଶନ୍ ଶକ୍ତି ମିଳିତ ଆନୁକୂଲ୍ୟରେ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ବିଜୁ ପଟ୍ଟନାୟକ ଛକରୁ ବାହାରିଥିବା ଶୋଭାଯାତ୍ରାକୁ ଆସିକା ବିଡିଓ ଗାୟତ୍ରୀଦତ୍ତ ନାୟକ ଉଦ୍‌ଘାଟନ କରିଥିଲେ। ବ୍ଲକ୍ ସଭା ଗୃହରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହରେକୃଷ୍ଣ ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ନାୟକ, ସିଡିପିଓ ଭାରତୀ ମହାପାତ୍ର, ହରିହର ପାଢ଼ୀ, ଶିବ ପ୍ରସାଦ ରଥ ପ୍ରମୁଖ ଯୋଗଦେଇ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କରେ ଆଲୋଚନା କରିଥିଲେ। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ଥିବା ଆଇନଗତ ବିଧିବ୍ୟବସ୍ଥା ଓ ମାଧମ ସମ୍ପର୍କରେ ମଧ ସଚେତନ କରାଯାଇଥିଲା।

### ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ରାଜନୀତି ଉଷ୍ମ

# ବିଜେଡି ପ୍ରାର୍ଥୀ ହେବାକୁ ଲତିକା ଆଶାୟୀ

- ବିଧାୟିକାଙ୍କୁ ଟକ୍କର ଦେଇ କଲେ ସମାବେଶ
- ପିତାଙ୍କ ଜୟନ୍ତୀ ପାଳନ ନାଁରେ ହୋଇଥିଲା କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୨୦।୧୧

ଗଞ୍ଜାମ ଜିଲା ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ବିଜେଡି ରାଜନୀତି ଉଷ୍ମ ହୋଇଛି। ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହେବାକୁ ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଅଧକ୍ଷା ଲତିକା ପ୍ରଧାନ ଆଶାୟୀ ହୋଇଛନ୍ତି । ବର୍ତ୍ତମାନର ବିଧାୟିକା ନନ୍ଦିନୀ ଦେବୀଙ୍କୁ ଟକ୍କର ଦେବା ପାଇଁ ଗତ ରବିବାର ପାଟପୁର ନିକଟ ପଳାଶପୁରରେ ବିଶାଳ ସମାବେଶ କରି ନିଜ ରାଜନୈତିକ ଶକ୍ତି ପ୍ରଦର୍ଶନ କରିଥିଲେ। ତାଙ୍କ ପିତା ତଥା ପୂର୍ବତନ ବିଧାୟକ ଓ ପ୍ରାକ୍ତନ ଆସିକା ଏମ୍‌ପି ନିତ୍ୟାନନ୍ଦ ପ୍ରଧାନଙ୍କ ୭୫ତମ ଜୟନ୍ତୀ ପାଳନ ନାଁରେ କରିଥିବା ଏହି ସମାବେଶରେ ନିର୍ବାଚନମଣ୍ଡଳୀର ଅନେକ ପୁରୁଖା କର୍ମୀ ସାମିଲ ହୋଇଥିଲେ। ତେଣୁ ଏହାକୁ ଗୁରୁତ୍ୱ ଦିଆଯାଇଛି । ବିଜେଡି ସଂଗଠନରେ ଗୋଷ୍ଠୀ କନ୍ଦଳ ସୃଷ୍ଟି ହୋଇଥିବା ଜୋର ଧରିଛି ଚର୍ଚ୍ଚା ।

ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ସାନଖେମୁଣ୍ଡି ବ୍ଲକର ପୂର୍ବତନ କମ୍ୟୁନିଷ୍ଟ ଅଧକ୍ଷ ଅନ୍ତର୍ଯାମୀ ସ୍ୱାଇଁ ଓ ତାଙ୍କର ଅନୁଗାମୀମାନେ ବାମପନ୍ଥୀ ଦଳ ଛାଡ଼ି ଶାସକ ଦଳରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା । ସେଥିପାଇଁ ଗଞ୍ଜାମ ଜିଲା ବିଜେଡି ପକ୍ଷରୁ ପାଟପୁରରେ ମିଶ୍ରଣ ପର୍ବ କରାଯାଇଥିଲା । ଜିଲା ସଭାପତି ପ୍ରଦୀପ ପାଣିଗ୍ରାହୀଙ୍କ ଅଧକ୍ଷତାରେ ହୋଇଥିବା ଏହି ପର୍ବରେ ମନ୍ତ୍ରୀ ମହେଶ୍ୱର ମହାନ୍ତି ଓ ଉଷା ଦେବୀ, ଆସିକା ଏମପି ଲଡୁ କିଶୋର ସ୍ୱାଇଁ, ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ, ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ସମେତ ଆଉ କେତେକ ବିଧାୟକ ଏବଂ ବିଭିନ୍ନ ଛାମୁଆ ସଂଗଠନର ନେତ୍ରୀ ନେତା ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ତର୍ଯାମୀ ଓ ଅନ୍ୟମାନଙ୍କୁ ବିଜେଡିରେ ସାମିଲ କରାଯାଇଥିଲା। ଏହାର ୪ ଦିନ ପରେ ହୋଇଥିବା ଲତିକାଙ୍କ ସମାବେଶରେ ଜିଲାର ବିଜେଡି ନେତାମାନେ ଅନୁପସ୍ଥିତ ଥିଲେ । ତଥାପି ଲତିକା ନିଜର ଦମ୍ ଦେଖାଇଥିଲେ ।

ଆଲୋଚନା ପ୍ରସଙ୍ଗରେ ଲତିକା କହିଛନ୍ତି ସାନଖେମୁଣ୍ଡି ସେଗମେଣ୍ଟରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଶାସନ ଏବଂ ବହୁମୁଖୀ ଜନ କଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ନିରବଚ୍ଛିନ୍ନ ପ୍ରୟାସ ଚଳାଇଛି । ବିଜେଡିରୁ ଆଗାମୀ ନିର୍ବାଚନରେ ଟିକେଟ ପାଇବାର ଆଶା ରଖିଛି। ଦଳର ଜୀବନବିନ୍ଦୁ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ସଂଯୋଜିକା କରିଛନ୍ତି । ଦଳର ସାଙ୍ଗଠନିକ ବିସ୍ତାର ନିମନ୍ତେ ସମର୍ପିତ ହୋଇଛନ୍ତି । ଏହି ସମସ୍ତ କାରଣରୁ ବିଧାନସଭା ନିର୍ବାଚନ ଲଢ଼ିବାକୁ ଦଳ ସୁଯୋଗ ଦେବାର ଆଶାବାଦୀ ଅଛନ୍ତି ।

# ପ୍ରତିଭା ଥାଇ ମିଳୁନି ସୁଯୋଗ



କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ରଙ୍କ ସହ ଖେଳାଳିମାନେ ଆଲୋଚନା କରୁଛନ୍ତି ।

ବ୍ରହ୍ମପୁର ଅଫିସ,୨୦।୧୧

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅପାରଗତା ଯୋଗୁ ପ୍ରତିଭା ଥାଇ ମଧ୍ୟ ଅନେକ ଛାତ୍ରୀଛାତ୍ର କ୍ରୀଡ଼ା ପ୍ରତିଯୋଗିତାଗୁଡ଼ିକରେ ଅଂଶ ଗ୍ରହଣରୁ ବଞ୍ଚିତ ହେଉଛନ୍ତି । ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୫ ମହାବିଦ୍ୟାଳୟରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଛାତ୍ରୀଛାତ୍ରମାନେ ସୁଯୋଗ ନ ପାଇ ନିରାଶ ହେବାରେ ଲାଗିଛନ୍ତି। ମହାବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତିଭା ବିକାଶ ଦିଗରେ ବିଶ୍ୱବିଦ୍ୟାଳୟ କୌଣସି ପଦକ୍ଷେପ ନେଉନାହିଁ। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ୩ ବର୍ଷ ହୋଇ ଯାଇଥିଲେ ମଧ୍ୟ ଏଦିଗରେ କର୍ତ୍ତୃପକ୍ଷ ଉଦାସୀନ ରହୁଛନ୍ତି। କ୍ରୀଡ଼ା ପରିଷଦ ମଧ୍ୟ ଏଦିଗରେ ଧ୍ୟାନ ଦେଉନାହିଁ । ଏଣୁ ରାଜ୍ୟ ତଥା ରାଜ୍ୟ ବାହାରେ ଅନୁଷ୍ଠିତ ହୋଉଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣରୁ ବଞ୍ଚିତ ହେଉଛି। ମଙ୍ଗଳବାର କେତେକ ହ୍ୟାଣ୍ଡବଲ୍ ଖେଳାଳି ଏନେଇ କୁଳପତି ଓ ସ୍ପୋର୍ଟ୍ସ କାଉନସିଲ ଅଧକ୍ଷଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବିକାଶ ସାମଲ, ଅବିନାଶ ମୋଦି, ମୀନକେତନ ଦାସ ଓ ଅରବିନ୍ଦଙ୍କ ସହ ଜିଲା ହ୍ୟାଣ୍ଡବଲ ସଂଘ କର୍ମକର୍ତ୍ତା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଭେଟି ଆଗାମୀ ଦିନରେ ହେବାକୁ ଥିବା ହ୍ୟାଣ୍ଡବଲ ଟୁର୍ନାମେଣ୍ଟରେ ଭାଗନେବା ପାଇଁ ଛାତ୍ରଙ୍କୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ପୂର୍ବରୁ ବାସ୍କେଟବଲ ଏବଂ ବ୍ୟାଡମିଣ୍ଟନ ପ୍ରତିଯୋଗିତାକୁ ବିଶ୍ୱବିଦ୍ୟାଳୟ ଦଳ ଯାଇ ନ ଥିବା ଯୋଗୁ କେତେକ ଛାତ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ତେବେ ଅଭିଯୋଗ ପାଇବା ପରେ ସମସ୍ୟା ସମାଧାନ କରାଯିବ ବୋଲି କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି ।

### ବ୍ରହ୍ମପୁର ସରକାରୀ ଆଇଟିଆଇ

## ଆବର୍ଜନାରେ ୧୩ ଫୁଟର ମଡେଲ

ବ୍ରହ୍ମପୁର ଅଫିସ,୨୦।୧୧–ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ବ୍ରହ୍ମପୁର ସରକାରୀ ଆଇଟିଆଇ ରାଜ୍ୟ ତଥା ଜାତୀୟସ୍ତରରେ ସମ୍ମାନିତ ହୋଇଛି । ଏହା ବ୍ୟତୀତ ଆବର୍ଜନା ସାମଗ୍ରୀର ବ୍ୟବହାରରେ ପ୍ରସ୍ତୁତ ବିଭିନ୍ନ ସ୍କ୍ରାପ ମଡେଲ ପାଇଁ ଏହି ଅନୁଷ୍ଠାନ ମଧ ରାଜ୍ୟ ତଥା ବାହାରେ ପ୍ରଶଂସିତ ହୋଇଛି । ଅନୁଷ୍ଠାନ ପରିସରରେ ସ୍କ୍ରାପ ମ୍ୟୁଜିୟମ କରି ଅନ୍ୟ ଆଇଟିଆଇ ଅନୁଷ୍ଠାନ ପାଇଁ ଉଦାହରଣ ସୃଷ୍ଟି କରିଛି। ଏବେ ପୁଣି ଏକ ନୂଆ ଉଦାହରଣ ସୃଷ୍ଟି କରିବାକୁ ଯାଉଛି। ପ୍ରଥମ ଥର ପାଇଁ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ଅନାବଶ୍ୟକ ଯନ୍ତ୍ରାଂଶରେ ଏକ ୧୩ ଫୁଟ ଉଚ୍ଚତାର ମଡେଲ ପ୍ରସ୍ତୁତ କରାଯାଇଛି । ହଲିଉଡରେ ଚଳଚ୍ଚିତ୍ରର ପେଡିଏଟର ଆକୃତିର ଏହି ମଡେଲରେ ୭୦୦ କିଲୋ ଓଜନର ଟ୍ରକ ଇଞ୍ଜିନ, ବାଇକ୍ ଇଞ୍ଜିନର ଅବ୍ୟବହୃତ ସାମଗ୍ରୀ ବ୍ୟବହାର କରାଯାଇଛି । ଏହାକୁ ପ୍ରସ୍ତୁତ କରିବାକୁ ୧୫ ଦିନ ସମୟ ଲାଗିଥିବା ବେଳେ ଅରୁଣ ପାତ୍ର, ଗୋପାଳ କୃଷ୍ଣ ରଥ, ବିଚିତ୍ର କୁମାର ପଡିଆରୀ ଓ ଗୟାଚାନ୍ଦ ସାହୁ ପ୍ରମୁଖ ଶିକ୍ଷକଙ୍କ ନେତୃତ୍ୱରେ ଫିଟର ଓ ଟର୍ଣ୍ଣର ଟ୍ରେଡର ଛାତ୍ରୀଛାତ୍ରମାନେ ଏହି ମଡେଲକୁ ପ୍ରସ୍ତୁତ କରିଛନ୍ତି। ଏହା ବ୍ୟତୀତ ଛାତ୍ରୀଛାତ୍ରମାନେ ୬ ଫୁଟ ଉଚ୍ଚତାର ଟରମିନେଟ ଆକୃତିର ଏକ ମଡେଲ ମଧ ପ୍ରସ୍ତୁତ କରିଛନ୍ତି । ଯେଉଁଥିରେ ପ୍ରାୟ ୯୦ କିଲୋ ଓଜନର ଟ୍ରକ, ବାଇକ୍ ଇଞ୍ଜିନର ଅବ୍ୟବହୃତ ସାମଗ୍ରୀ ବ୍ୟବହୃତ ହୋଇଥିବା ଅଧକ୍ଷ ଡ. ରଜତ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏହି ମଡେଲକୁ ଶିକ୍ଷକ ଦ୍ୱିତୀକୃଷ୍ଣ ବେହେରାଙ୍କ ନେତୃତ୍ୱରେ ଛାତ୍ର ରାଜ ମହାରଣା ଓ ବିକାଶ ପାଢୀ ପ୍ରମୁଖ ପ୍ରସ୍ତୁତ କରିଛନ୍ତି ।

# ଗ୍ରାମବାସୀଙ୍କୁ ସଚେତନ କରାଇଲେ ଛାତ୍ରୀଛାତ୍ର

ଭଞ୍ଜନଗର,୨୦।୧୧(ଡି.ଏନ.ଏ.)

ଜଙ୍ଗଲ ଉପରେ ଧାରଣା ସହ ଗ୍ରାମବାସୀଙ୍କୁ ବିଭିନ୍ନ ବିଷୟରେ ସଚେତନତା କରାଇବା ଲକ୍ଷ୍ୟ ନେଇ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ମଙ୍ଗଳବାର ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ଛାତ୍ରୀଛାତ୍ରମାନେ ଦିର୍ବସିଂ, ଦର୍ପଙ୍ଗିଆ, ବଞ୍ଜରଗାଁ, ଗୁଟୁଳାଗୁଡା, କାନବିନ୍ଧା ପ୍ରମୁଖ ଗ୍ରାମରେ ଗ୍ରାମବାସୀଙ୍କୁ ବେଟି ବଚାଓ ବେଟି ବଢ଼ାଓ, ସ୍ୱଚ୍ଛ ଭାରତ, ପଲିଥିନ ବର୍ଜନ ଓ ପରିବେଶ ଉପରେ ସଚେତନତା କରାଇଥିଲେ। ଏହି ଅବସରରେ ବିଦ୍ୟାଳୟ ସଭାପତି ଦେବେନ୍ଦ୍ର ମିଶ୍ର, ସମ୍ପାଦକ ପଦ୍ମନାଭ ପ୍ରଧାନ, ଉପ ସଭାପତି ଅମୁଲ୍ୟ ପାଣିଗ୍ରାହୀ, ସୁବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



@ ସତ୍ୟନାରାୟଣ



@ ଶୁଭମ



@ ଶିବରାମ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଖତ ଖାଉଛି ଟ୍ରାଇସାଇକେଲ

**କୁକୁଡ଼ାଖଣ୍ଡି,୨୦।୧୧(ଡି.ଏନ.ଏ.):** କୁକୁଡାଖଣ୍ଡି ବ୍ଲକ ପରିସରରେ ବହୁ ଟ୍ରାଇ ସାଇକେଲ ଖତ ଖାଉଥିବା ଦେଖିବାକୁ ମିଳିଛି। ଗଞ୍ଜାମ ଜିଲା ଦିବ୍ୟାଙ୍ଗ ସେଲର ସଦସ୍ୟ କେ. ମଣିବାବୁ ବ୍ଲକ ପରିସରରେ ପହଞ୍ଚି ଖତ ଖାଉଥିବା ସାଇକେଲ ସମ୍ପର୍କରେ ଖବରଦାତାମାନଙ୍କୁ ସୂଚନା ଦେଇଥିଲେ। ଏନେଇ ବିଡିଓ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସହ ଯୋଗାଯୋଗ କରିବାରେ କେଉଁ ସ୍ଥାନରେ ସାଇକେଲ ପଡିଛି ମୁଁ ଜାଣିନାହିଁ। ଯଦି ପଡିଥିବ ଅଦରକାରୀ ହୋଇଥିବ ବୋଲି କହିଥିଲେ।

# ବ୍ରହ୍ମପୁର ଆଇଟିଆଇରେ ଶିଙ୍ଗାପୁରର ୩ ଜଣିଆ ଟିମ୍

ବ୍ରହ୍ମପୁର ଅଫିସ,୨୦।୧୧

ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦକ୍ଷତାର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ବ୍ରହ୍ମପୁର ଆଇଟିଆଇ ଖ୍ୟାତି ଅର୍ଜନ କରିଛି । ଏହି ଅନୁଷ୍ଠାନର ଶିକ୍ଷାଶୈଳୀ ଅନୁଧ୍ୟାନ କରିବାକୁ ମଙ୍ଗଳବାର ସିଙ୍ଗାପୁରର ଏକ ତିନିଜଣିଆ ଟିମ ପହଞ୍ଚିଥିଲେ । ଏହି ଦଳରେ ସିଙ୍ଗାପୁର ଆଇଟିଇ ବିଭାଗ ନିର୍ଦ୍ଦେଶକ ଲିମ ବୁନ ଟିଅଙ୍ଗଙ୍କ ସମେତ ନୁର ହିଦୟା, ରୟ ଟିଓ ପ୍ରମୁଖ ପହଞ୍ଚି ବିଭିନ୍ନ ଟ୍ରେଡ ଓ କ୍ଲାସରୁମ ବୁଲି ଦେଖିଥିଲେ। ଫିଟର, ଇଲେକ୍ଟ୍ରିକାଲ ଟ୍ରେଡ, ଅଟୋମୋବାଇଲ ଟ୍ରେଡ ପରଦର୍ଶନ କରି ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ସହ ପାଠ୍ୟକ୍ରମ ସମ୍ପର୍କରେ ପଚାରି ବୁଝିଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ଆବର୍ଜନାରେ ପ୍ରସ୍ତୁତ ୧୩ ଫୁଟ ଉଚ୍ଚତାର ପେଡିଏଟର, ୬ ଫୁଟ ଉଚ୍ଚତାର ଟରମିନେଟର ଏବଂ ସ୍କ୍ରାପ ମ୍ୟୁଜିୟମରେ ଥିବା ଛୋଟ ଓ ବଡ ସ୍କ୍ରାପ ମଡେଲକୁ ବୁଲି ଦେଖିଥିଲେ । ଏହାପରେ ଅନୁଷ୍ଠାନର ଅଡିଟୋରିୟମ ପରିସରେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବା ସହ ସିଙ୍ଗାପୁରରେ ଆଇଟିଆଇରେ ରହିଥିବା ସୁବିଧା, ସୁଯୋଗ, ପାଢାଶୈଳୀ ଉପରେ ଆଲୋକପାତ କରିଥିଲେ । ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଅନୁଷ୍ଠାନର ଅଧକ୍ଷ ଡ. ରଜତ ପାଣିଗ୍ରାହୀଙ୍କ ସହ ଆଲୋଚନା କରିଥିଲେ। ତେବେ ଓଡିଶାର ବିଭିନ୍ନ ଆଇଟିଆଇ ପରିଦର୍ଶନ କରିଥିବା ଏହି ଦଳ ଛାତ୍ରୀଛାତ୍ରଙ୍କ ଦକ୍ଷତା ଓ କୌଶଳକୁ ପ୍ରଶଂସା କରିଥିଲେ । ଏହି ଟିମ ଗସ୍ତ ବେଳେ ଓଡିଶା ଏମ୍ପ୍ଲେଏମେଣ୍ଟ ନିର୍ଦ୍ଦେଶକ ରାଜେଶ ପଟେଲ, ବୈଷୟିକ ଶିକ୍ଷା ବିଭାଗ ଡେପୁଟି ଡାଇରେକ୍ଟର ଅଜୟ ପଣ୍ଡା, ଏମ୍ପ୍ଲେଏମେଣ୍ଟ ଆଞ୍ଚଳିକ ନିର୍ଦ୍ଦେଶକ ଆର.ଏମ ଖିଲାନା ପ୍ରମୁଖ ଉପସ୍ଥିତ ଥିଲେ।



ସ୍କ୍ରାପ ମ୍ୟୁଜିୟମ ବୁଲି ଦେଖୁଛନ୍ତି।

### ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

# ସୋନାଲି, ରଞ୍ଜନ, ମେଘନାଦ, ଝାନ୍ସି ଚାମ୍ପିୟନ

ବ୍ରହ୍ମପୁର ଅଫିସ,୨୦।୧୧



ଅତିଥିଙ୍କ ଗହଣରେ ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

ଗଞ୍ଜାମ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ବ୍ରହ୍ମପୁର ଷ୍ଟାଡିୟମ୍‌ରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ୧୪ବର୍ଷରୁ କମ୍ ବାଳିକା ବର୍ଗରେ କୁକୁଡ଼ାଖଣ୍ଡି ବ୍ଲକର ସୋନାଲି ପଣ୍ଡା ଚାମ୍ପିୟନ୍ ହୋଇଥିବା ବେଳେ ବାଳକ ବର୍ଗରେ ଚାମ୍ପିୟନ୍ ହୋଇଛନ୍ତି ଚିକିଟି ବ୍ଲକର ରଞ୍ଜନ ବେହେରା। ସେହିଭଳି ୧୭ବର୍ଷରୁ କମ୍ ବାଳକ ବର୍ଗରେ ପାତ୍ରପୁର ବ୍ଲକର ଏମ୍.ମେଘନ ।ଦ ଏବଂ ବାଳିକା ବର୍ଗରେ ଚିକିଟି ବ୍ଲକର ଜି.ଝାନ୍ସି ଚାମ୍ପିୟନ୍ ହୋଇଛନ୍ତି। ୧୭ବର୍ଷରୁ କମ୍ ବାଳିକା ୮ଶହ ମିଟର, ୧୫ଶହ ମିଟର ଏବଂ ୩ହଜାର ମିଟର ଦୌଡ଼ରେ ଝାନ୍ସି ପ୍ରଥମ ହୋଇଥିବା ବେଳେ ଶହେ ମିଟର ଦୌଡ଼ରେ ଉତ୍କଳିକା ପଟ୍ଟନାୟକ, ୨ଶହ ମିଟର ଦୌଡ଼ରେ ଦୀପ୍ତି ସେଠୀ, ୪ଶହ ମିଟର ଦୌଡ଼ରେ ସାବିତ୍ରୀ ବେହେରା, ଲମ୍ବଡିଆଁରେ ଦୀପ୍ତି ପଣ୍ଡା, ଉଚ୍ଚ ଡିଆଁରେ ବର୍ଷାରାଣୀ ବେହେରା, ଶଟ୍‌ପୁଟ୍‌ରେ ସୋନାଲି ରଥ, ଡିସ୍କସ୍ ଥ୍ରୋରେ ଦୀପାଲି ଡାକୁଆ ଏବଂ ଜାଭେଲିନ୍ ଥ୍ରୋରେ ମଞ୍ଜରୀ ଶବର ପ୍ରଥମ ହୋଇଛନ୍ତି। ୧୪ବର୍ଷରୁ କମ୍ ୪ଶହ ଏବଂ ୮ଶହ ମିଟର ଦୌଡ଼ରେ ଡି.ଶାନ୍ତି, ଲମ୍ବ ଡିଆଁ ଏବଂ ଶହେ ମିଟର ଦୌଡ଼ରେ ସୋନାଲି ପଣ୍ଡା, ୨ଶହ ମିଟର ଦୌଡ଼ରେ ଅକ୍ଷୟ ପ୍ରଧାନ, ଶଟ୍‌ପୁଟ୍‌ରେ ରଶ୍ମିତା ମଲ୍ଲିକ ଏବଂ ଡିସ୍କସ୍ ଥ୍ରୋରେ ରିଙ୍କି ବେହେରା ପ୍ରଥମ ହୋଇଛନ୍ତି। ୧୭ବର୍ଷରୁ କମ୍ ବାଳକ ବର୍ଗରେ ଏମ୍. ମେଘନାଦ ୧୫ଶହ ଏବଂ ୩ହଜାର ମିଟର ଦୌଡ଼ରେ ପ୍ରଥମ ହୋଇଥିବା ବେଳେ ଶହେ ମିଟର ଦୌଡ଼ରେ ବିକାଶ ବେହେରା, ୨ଶହ ମିଟର ଦୌଡ଼ରେ ରାଜୀବ ଶୁଭ ସୁନ୍ଦର, ୪ଶହ ଏବଂ ୮ଶହ ମିଟର ଦୌଡ଼ରେ ଅବିନାଶ ଶତପଥୀ, ଲମ୍ବ ଡିଆଁରେ କ୍ରିଷ୍ଣା ମୁଳି, ଉଚ ଡିଆଁରେ ପ୍ରଫୁଲ୍ଲ ଦାସ, ଶଟ୍‌ପୁଟ୍‌ରେ ପି. ହରି ଏବଂ ଡିସ୍କସ୍ ଥ୍ରୋରେ ସୌମ୍ୟରଞ୍ଜନ ପ୍ରଥମ ହୋଇଛନ୍ତି । ୧୪ବର୍ଷରୁ କମ୍ ବାଳକ ବର୍ଗରେ ରଞ୍ଜନ ବେହେରା ଶହେ ମିଟର ଦୌଡ଼ ଏବଂ ଲମ୍ବ ଡିଆଁରେ ପ୍ରଥମ ହୋଇଥିବା ବେଳେ ୨ଶହ ମିଟର ଦୌଡ଼ରେ ଦୀପକ ଦାସ, ୪ଶହ ମିଟର ଦୌଡ଼ରେ କାହ୍ନୁ ଶବର, ୬ଶହ ମିଟର ଦୌଡ଼ରେ ଆଦିତ୍ୟ ସାମନ୍ତରାୟ, ଉଚ୍ଚ ଡିଆଁରେ ହରିଶ୍ଚନ୍ଦ୍ର ବେହେରା, ଶଟ୍‌ପୁଟ୍‌ରେ କ୍ରିଷ୍ଣା ମାଝି ଏବଂ ଡିସ୍କସ୍ ଥ୍ରୋରେ ତପନ କୁମାର ମହାନ୍ତି ପ୍ରଥମ ହୋଇଛନ୍ତି । ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳିଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ସୁଯୋଗ ମିଳିବ ।

## ସଂକ୍ଷେପରେ

### ଅର୍ଥନୀତି ବିଭାଗ ପକ୍ଷରୁ ଆଲୋଚନାଚକ୍ର

ଦିଗପହଣ୍ଡି/ପାଟପୁର,୨୦।୧୧ (ଡି.ଏନ.ଏ.): ପାଟପୁର ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ପ୍ରିୟଙ୍କା ଶବର, ଅଧ୍ୟାପକ ସୁବାସ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଖେମୁଣ୍ଡି କଲେଜ ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପିକା ଡ. ହରପ୍ରିୟା ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।ଏଥିରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଅର୍ଥନୀତିର ପ୍ରଭାବ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। କଲେଜ ଅଧକ୍ଷ ଡ. ପ୍ରଦୀପ କୁମାର ବ୍ରହ୍ମାଙ୍କ ଅଧକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ଛାତ୍ରୀଛାତ୍ର ସନ୍ଦର୍ଭ ପାଠ କରିଥିଲେ।

### ଜନ ପରାମର୍ଶ ପଦଯାତ୍ରା ପ୍ରସ୍ତୁତି

ଦାରିଙ୍ଗବାଡ଼ି,୨୦।୧୧(ଡି.ଏନ.ଏ.): କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଜନସଚେତନ କରାଯିବା ପାଇଁ ଭାଜପା ପକ୍ଷରୁ ଜନପରାମର୍ଶ ପଦଯାତ୍ରା କରାଯିବ। ଦାରିଙ୍ଗବାଡି ହେଲିପ୍ୟାଡ ପଡ଼ିଆରେ ମଙ୍ଗଳବାର ଏ ନେଇ ଏକ ପ୍ରସ୍ତୁତି ବୈଠକ ମଣ୍ଡଳ ସଭାପତି ଅରୁଣ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୫ ତାରିଖରୁ ୫ ଦିନ ଧରି ପଦଯାତ୍ରା କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଜିଲା ଭାଜପା ଉପସଭାପତି ମାନଗୋବିନ୍ଦ ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ, ଉପସଭାପତି ବିଷ୍ଣୁ ଚରଣ ପ୍ରଧାନ, ମଣ୍ଡଳ ସମ୍ପାଦକ ପ୍ରଭାକର ସାହୁ, ଜିଲା ଯୁବମୋର୍ଚ୍ଚା ଉପସଭାପତି ଅଜିତ କୁମାର ସାହୁ, ସ୍ୱଚ୍ଛ ଭାରତ ଅଭିଯାନ ଜିଲା ସଦସ୍ୟ ଯାଜୁ ପ୍ରଧାନ, ଜି.ଉଦୟଗିରି ଏନ୍‌ଏସି ପ୍ରଭାରୀ ମାୟାବନ୍ଧୁ ପ୍ରଧାନ, ନିର୍ବାଚନ ମଣ୍ଡଳୀର ବିସ୍ତାରକ ଅନୁପ କୁମାର ପରିଡ଼ା, ବ୍ରାହ୍ମଣୀଗାଁ ମଣ୍ଡଳୀ ସାଧାରଣ ସମ୍ପାଦକ ଗଣେଶ ଡାକୁଆ, ଓବିସି ମୋର୍ଚ୍ଚା ସଭାପତି ଅଶୋକ ଚୌଧୁରୀଙ୍କ ସମେତ ଶତାଧିକ କର୍ମୀ ଓ କର୍ମକର୍ତ୍ତା ଯୋଗଦେଇଥିଲେ।

### ବିଶ୍ୱ ଶୌଚାଳୟ ଦିବସ



ଫିରିଙ୍ଗିଆ, ୨୦।୧୧-ଫିରିଙ୍ଗିଆ ବ୍ଲକରେ ଚାଲିଥିବା ବିଶ୍ୱ ଶୌଚାଳୟ ଦିବସ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ପରିସରରେ ବିଡିଓ ପ୍ରବୀଣ କୁମାର ବାଣୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧକ୍ଷ ଲାଲନନ୍ଦ ପ୍ରଧାନ, ଉପାଧକ୍ଷା ସସ୍ମିତା ଦିଗାଲ, ବ୍ଲକ ଶିକ୍ଷାଧିକାରୀ ବିନୋଦ ବିହାରୀ ଦିଗାଲ, ସିଡ଼ିପିଓ ମଞ୍ଜୁଳା ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱଚ୍ଛ ପରିମଳ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ନିଜ ପଞ୍ଚାୟତ ଓ ୱାର୍ଡ଼ଗୁଡିକରେ ସଚେତନତା କାର୍ଯ୍ୟରେ ବଳିଷ୍ଠ ଅବଦାନ ଯୋଗୁ କେଲାପଡ଼ା ସରପଞ୍ଚ ପ୍ରେମଶିଳା ଝାଙ୍କରଙ୍କୁ ଶ୍ରେଷ୍ଠ ସରପଞ୍ଚ ଭାବେ ଏବଂ ସରପଞ୍ଚ ଅଙ୍ଗଦ କହଁରଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ଶିକ୍ଷକଙ୍କ ଅପେକ୍ଷାରେ ଛାତ୍ରୀଛାତ୍ର

# ବିଳମ୍ବରେ ଖୋଲୁଛି ସ୍କୁଲ

■ସ୍କୁଲରେ କମୁଛନ୍ତି ପିଲା
■ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ବିଇଓ

ଦାରିଙ୍ଗବାଡ଼ି,୨୦।୧୧(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ବୁଡାଗୁଡ଼ା ପଞ୍ଚାୟତରେ ଥିବା ଟପେରିଙ୍ଗିଆ ବିଦ୍ୟାଳୟରେ ଶିକ୍ଷକମାନେ ଠିକ୍ ସମୟରେ ଆସୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୧ଟା ଯାଏ କେହି ଆସି ନ ଥିବାରୁ ବିଦ୍ୟାଳୟ ମୁଖ୍ୟ ଫାଟକ ନିକଟରେ ଛାତ୍ରୀଛାତ୍ରମାନେ ବହୁ ସମୟ ଧରି ଠିଆ ହୋଇଥିବା ଦେଖାଯାଇଥିଲା। ଏପରିକି କେତେଜଣ ଛାତ୍ରୀଛାତ୍ର ଘରକୁ ଫେରି ଆସିଥିବା ସେମାନଙ୍କ ଅଭିଭାବକ ଅଭିଯୋଗ କରିଛନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫୪ ଛାତ୍ରୀଛାତ୍ର ଏହି ବିଦ୍ୟାଳୟରେ ପଢ଼ନ୍ତି। ୨ ଶିକ୍ଷକ ଶିକ୍ଷାଦାନ କରିବା ପାଇଁ ରହିଥିବା ବୁଡ଼ାଗୁଡ଼ା ସିଆରସିସି ସଞ୍ଜୀବ ପ୍ରଧାନ କହିଛନ୍ତି। ପୂର୍ବରୁ ଏଠାରେ ୬୪ ଛାତ୍ରୀଛାତ୍ର ପଢୁଥିଲେ, କୌଣସି କାରଣରୁ ସେମାନେ ଛାଡ଼ି ଚାଲିଯାଇଥିବା ସେ କହିଛନ୍ତି। ବିଳମ୍ବରେ ବିଦ୍ୟାଳୟ ଖୋଲିବା ସମ୍ପର୍କରେ ତାଙ୍କ ସହ ଯୋଗାଯୋଗ କରାଯିବାରୁ, ପ୍ରଧାନ ଶିକ୍ଷକ ନିୟମିତ ରହୁ ନ ଥିବା ଘଟଣାକୁ ସେ ସ୍ୱୀକାର କରିଥିଲେ। ପ୍ରଧାନଶିକ୍ଷକଙ୍କୁ ତାଗିଦ କରାଯାଉଛି ବୋଲି କହିଛନ୍ତି। ଅଫିସ କାର୍ଯ୍ୟରେ ବାହାରେ ଅଛି, କ'ଣ ପାଇଁ ବିଳମ୍ବରେ ସ୍କୁଲ ଖୋଲିଲା ସେଠାକୁ ଯାଇ ବୁଝିବି ବୋଲି ସିଆର୍‌ସିସି ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ ଦାରିଙ୍ଗବାଡ଼ି ବିଇଓ ପୁରେନ୍ଦ୍ର ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ବିଦ୍ୟାଳୟ କାହିଁକି ଖୋଲିବାରେ ବିଳମ୍ବ ହେଲା, ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ବିଦ୍ୟାଳୟ ଫାଟକ ନିକଟରେ ଅପେକ୍ଷାରତ ଛାତ୍ରୀଛାତ୍ର।

# ଚାକିରି ପ୍ରଲୋଭନ ଦେଖାଇ ବଳାତ୍କାର, ଅଭିଯୁକ୍ତ ଗିରଫ

ଦାରିଙ୍ଗବାଡ଼ି,୨୦।୧୧ (ଡି.ଏନ.ଏ.)

ଚାକିରି ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ବାରମ୍ବାର ବଳାତ୍କାର କରାଯାଇଥିବା ରବିବାର ବ୍ରାହ୍ମଣୀଗାଁ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୩୯/୧୮) ରୁଜୁ କରି ସୋମବାର ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କାଟିଙ୍ଗିଆ ପଞ୍ଚାୟତ ଅଞ୍ଚଳର ଅଜିତ ଶୋଭାନାୟକ। ଅଜିତ ବହୁ ଦିନ ହେଲା ଉକ୍ତ ଯୁବତୀଙ୍କୁ ଚାକିରି କରାଇଦେବି କହି ବିଭିନ୍ନ ସ୍ଥାନରେ ଲଜରେ ରଖୁଥିଲେ। ତାଙ୍କ ସହ ରାତ୍ରୀଯାପନ କରିବା ସହ ମନା କରିବା ସତ୍ତ୍ୱେ ଶାରୀରିକ ସମ୍ପର୍କ ରଖୁଥିଲେ। ଯୁବତୀଙ୍କୁ ତାଙ୍କ ପରିବାର ଲୋକେ ଅନ୍ୟତ୍ର ବିବାହ କରିବା ପାଇଁ ପ୍ରସ୍ତାବ କରୁଥିବା ଜାଣି ଅଜିତ ପୂର୍ବରୁ ଲଜରେ ଉଠାଇଥିବା ଅନ୍ତରଙ୍ଗ ମୂହୂର୍ତ୍ତର ଫଟୋ, ଭିଡିଓ ଗୁଡ଼ିକୁ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏ ନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ଚାଲିଥିବା ଦାରିଙ୍ଗବାଡ଼ି ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି। ବ୍ରାହ୍ମଣୀଗାଁରେ କେହି ଆଇଆଇସି ନ ଥିବାରୁ କନ୍ଧମାଳ ଏସ୍‌ପି ପ୍ରତୀକ ସିଂ ଦାରିଙ୍ଗବାଡ଼ି ଆଇଆଇସି ଗରଡ଼ିଆଙ୍କୁ ତଦନ୍ତ ଭାର ଦେଇଛନ୍ତି। ତାଙ୍କୁ ବ୍ରାହ୍ମଣୀଗାଁ ଓଆଇସି ଜୟଚନ୍ଦ୍ର ମଲ୍ଲିକ ସହଯୋଗ କରୁଛନ୍ତି। ଯୁବତୀ ଏବଂ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଥିବା ପୋଲିସ କହିଛି।

# ଚାଇଲ୍ଡଲାଇନର ଦୋସ୍ତି କାର୍ଯ୍ୟକ୍ରମ




ଥାନା ସମ୍ମୁଖରେ ଛାତ୍ରୀଛାତ୍ରମାନେ।

ଫିରିଙ୍ଗିଆ, ୨୦।୧୧

ଚାଇଲ୍ଡ ଲାଇନ ପକ୍ଷରୁ ଫିରିଙ୍ଗିଆରେ ଶିଶୁମାନଙ୍କୁ ନେଇ ଦୋସ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିଶୁମାନଙ୍କର ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବିଡିଓ ପ୍ରବୀଣ କୁମାର ବାଣୁଆ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶିଶୁମାନେ ଶିଶୁ ସମସ୍ୟା ସମ୍ବନ୍ଧୀୟ ସମସ୍ୟା, ବାଲ୍ୟ ବିବାହର କୁପରିଣତି, ଶିଶୁ ଶ୍ରମିକ, ଶିଶୁ ଚାଲାଣ, ଶିଶୁ ନିର୍ଯାତନା ସମ୍ପର୍କରେ ପ୍ଲାକାର୍ଡ ମାଧ୍ୟମରେ ଲୋକଙ୍କୁ ସଚେତନ କରିଥିଲେ। ଶିଶୁମାନେ ବିଡିଓଙ୍କ ସମେତ ଅନ୍ୟ ଅଧିକାରୀ, ଲୋକ ପ୍ରତିନିଧି, ପୋଲିସକୁ ସୁରକ୍ଷାର ଡୋରି ପିନ୍ଧାଇ ଥିଲେ। ଚାଇଲ୍ଡ ଲାଇନର ସସ୍ମିତା କରଣ, ଶିବ ଶଙ୍କର ବେହେରା, ଚିକୁନ କୁମାର ପ୍ରଧାନ, ଦିଲୀପ ଦାସ, ରାଜଲକ୍ଷ୍ମୀ ମହାକୁଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୋଡାଲ ପ୍ରାଥମିକ ସ୍କୁଲର ଶିକ୍ଷକମାନେ ଏଥିରେ ସହଯୋଗ କରିଥିଲେ।

### ଜାତୀୟ ଲୋକନୃତ୍ୟ ମହୋତ୍ସବ

## ବାଲିଗୁଡାର ୫ ଛାତ୍ର ମନୋନୀତ

ବାଲିଗୁଡା,୨୦।୧୧(ଡି.ଏନ୍.ଏ.)

ଭୁବନେଶ୍ୱର ୟୁନିଟ୍-୬ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ରାଜ୍ୟସ୍ତରୀୟ ଲୋକନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲିଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ୫ ଜଣ ଛାତ୍ର କନ୍ଧମାଳ ଜିଲାର ବିଭିନ୍ନ ଲୋକନୃତ୍ୟକୁ ବିଭିନ୍ନ ବେଶ ଭୂଷାରେ ସଜ୍ଜିତ ହୋଇ ପରିବେଷଣ କରିଥିଲେ। ଡିସେମ୍ବର ୪ରୁ ୬ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଲୋକନୃତ୍ୟ ଉତ୍ସବରେ ଯୋଗଦେବା ପାଇଁ ଏମାନେ ମନୋନୀତ ହୋଇଛନ୍ତି। ଏହି ୫ ଛାତ୍ର ହେଲେ ଦାମ ନାୟକ, ନନ୍ଦ ନାୟକ, କ୍ରିସ୍ତାନ୍ତ ପ୍ରଧାନ, ସତ୍ୟ ମଲିକ ଓ ରାଜେଶ ବେହେରା। ସମସ୍ତେ ବାଲିଗୁଡା ହାଇସ୍କୁଲ ନବମ ଶ୍ରେଣୀ ଛାତ୍ର। ବିଜ୍ଞାନ ଶିକ୍ଷକ ସୁଦାମ ସ୍ୱାଇଁଙ୍କ ନେତୃତ୍ୱରେ ଭୁବନେଶ୍ୱର ଯାଇ ଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ବିଦ୍ୟାଳୟ ତରଫରୁ ଉକ୍ତ ୫ଜଣ ଛାତ୍ରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଜିଲାପାଳଙ୍କ ବଦଳରେ ଏଡିଏମ୍ ଶୁଣିଲେ ଅଭିଯୋଗ

ଭଞ୍ଜନଗର,୨୦।୧୧(ଡି.ଏନ.ଏ.)

ପ୍ରତ୍ୟେକ ମାସ ତୃତୀୟ ସୋମବାର (କାର୍ଯ୍ୟଦିବସ) ଦିନ ଗଞ୍ଜାମ ଜିଲାପାଳ ଭଞ୍ଜନଗର ଠାରେ ଉପଖଣ୍ଡ ଲୋକଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିଥାନ୍ତି। ଏଥର କିନ୍ତୁ ସୋମବାର ବଦଳରେ ମଙ୍ଗଳବାର ଅଭିଯୋଗ ଶୁଣାଣି ହୋଇଥିଲା। ଜିଲାପାଳଙ୍କ ବଦଳରେ ଏଡିଏମ୍ ବିଜୟ କୁମାର ଦାସ ଅଭିଯୋଗ ଶୁଣିଥିଲେ। ଏହି ସମୟରେ ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ୧୮୭ଟି ଅଭିଯୋଗ ଆସିଥିଲା। ସେଥିରୁ ୪ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୮ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା।



ଏଡ଼ିଏମ୍‌ଙ୍କ ଅଭିଯୋଗ ଶୁଣାଣି।

# ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ଜୀବନ କୌଶଳ ନାଟକ ପ୍ରତିଯୋଗିତା

କ.ନୂଆଗାଁ,୨୦।୧୧(ଡି.ଏନ୍.ଏ.)

କ.ନୂଆଗାଁ ବ୍ଲକର କୁଦୁତୁଲି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ଜୀବନ କୌଶଳ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ସହ ଅତିଥିଙ୍କ ସଙ୍ଗୀତ ମାଧ୍ୟମରେ ପରିଚୟ କରିଥିଲେ। ସଭାପତି ଭାବେ ମଣ୍ଡଳ ଶିକ୍ଷାଧିଶ ରେବତୀ ଦେଇ, ମୁଖ୍ୟ ଅତିଥି ଆଦିବାସୀ ଉନ୍ନୟନ ବିଭାଗ ବାଲିଗୁଡ଼ା ସ୍ୱତନ୍ତ୍ର ଅଧିକାରୀ ଉତ୍ତମ କୁମାର ମହାନ୍ତି, ସମ୍ମାନିତ ଅତିଥି ତଥା ଆବାହିକା ଜିଲା ମଙ୍ଗଳ ଅଧିକାରିଣୀ ଚାରୁଲତା ମଲ୍ଲିକ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ମୁଖ୍ୟବକ୍ତା ବିଭୂତି ଭୂଷଣ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ କନ୍ଧମାଳ ଜିଲାର ୧୨ଟି ବ୍ଲକରେ ଥିବା ବିଭିନ୍ନ ବିଦ୍ୟାଳୟରୁ ୩୧ଟି ପ୍ରକଳ୍ପ ଧରି ବିଜ୍ଞାନ ପ୍ରଦର୍ଶନ କରିଥିଲେ। ପ୍ରକଳ୍ପର ବିଚାରକ ଭାବେ ଜଲେଶପଟା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ସାହୁ, ବିନୋଦ କୁମାର ଜେନା, ସେବାଶ୍ରମ ସଂସ୍କୃତ ବିଦ୍ୟାଳୟ ଫୁଲବାଣୀର ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର ରଥ ଯୋଗଦେଇଥିଲେ। ବୁଧବାର ଉକ୍ତ ବିଦ୍ୟାଳୟରେ ମଣ୍ଡଳ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ନବମ ଜିଲା ସ୍ତରୀୟ ସରଗିଫୁଲ ମହୋତ୍ସବ ହେବ ବୋଲି ଜଣାପଡ଼ିଛି।

## ଲିଫ୍ଟ ଦେଇ ମହିଳାଙ୍କୁ ବଳାତ୍କାର ଘଟଣା, ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

ଶଙ୍କରାଖୋଲ,୨୦।୧୧ (ଡି.ଏନ୍.ଏ.)

ଚକାପାଦ ଅଞ୍ଚଳରେ ଲିଫ୍ଟ ଦେଇ ଜଣେ ମହିଳାଙ୍କୁ ବଳାତ୍କାର କରିଥିବା ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସହ ସହଯୋଗୀଙ୍କୁ ୩ ଦିନ ରିମାଣ୍ଡରେ ଆଣି ଅବଧି ଶେଷ ହେବା ପରେ ଚକାପାଦ ପୋଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସତ୍ୟଭାମା ବେହେରା କହିଛନ୍ତି। ସେମାନେ ହେଲେ ଚକାପାଦ ଥାନା ଅର୍ଚ୍ଚାଙ୍ଗୀ ଗ୍ରାମର କାର୍ତ୍ତିକେଶ୍ୱର ମଲିକ ଓ ସହଯୋଗୀ ହେମନ୍ତ ମଲିକ। ଅକ୍ଟୋବର ୩୧ରେ ମହିଳା ଜଣକ ବରଡ଼ାଖୋଲ ଛକ ନିକଟରେ ଫୁଲବାଣୀ ବସ୍‌କୁ ଅପେକ୍ଷା କରିଥିବା ବେଳେ ୪ ଜଣ ଯୁବକ ୨ ବାଇକ୍‌ରେ ଆସି ମହିଳାଙ୍କୁ ଲିଫ୍ଟ ଦେଇ ବାଟରେ ତାଙ୍କୁ ବଳାତ୍କାର କରିଥିଲେ। ମହିଳାଙ୍କ ଏତଲା କ୍ରମେ ପୋଲିସ ୩୩/୧୮ରେ ମାମଲା ରୁଜୁ ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମୁଖ୍ୟ ଅଭିଯୁକ୍ତ କାର୍ତ୍ତିକେଶ୍ୱର ଓ ସହଯୋଗୀ ହେମନ୍ତ ୫ତାରିଖରେ ଜି.ଉଦୟଗିରି କୋର୍ଟରେ ଆତ୍ମ ସମର୍ପଣ କରିଥିଲେ।

■ ପଦାର୍ଥ ବିଜ୍ଞାନ ବିଭାଗର ପାଠଚକ୍ର

## ଖର୍ଚ୍ଚ ଅଧିକ ହେଲେବି ବୁଲେଟ ଟ୍ରେନ୍ ଯାତ୍ରା ସୁରକ୍ଷିତ




ଅତିଥିମାନେ ସନ୍ଦର୍ଭଟିକୁ ଉନ୍ମୋଚନ କରୁଛନ୍ତି।

ଭଞ୍ଜନଗର,୨୦।୧୧(ଡି.ଏନ.ଏ.)

ପୃଥିବୀର ବିଭିନ୍ନ ଦେଶରେ ବୁଲେଟ ଟ୍ରେନ ଚଳାଚଳ କରୁଛି, ଭାରତରେ ମଧ ଏନେଇ ପ୍ରଚେଷ୍ଟା ଚାଲିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିପାଇଁ ଅଧିକ ଖର୍ଚ୍ଚ ହେଉଥିଲେ ମଧ ପରେ ଖର୍ଚ୍ଚ ବହୁତ କମିଯାଇଥାଏ। ବୁଲେଟ ଟ୍ରେନ୍ ଦ୍ୱାରା ପରିବେଶ ଓ ଶବ୍ଦ ପ୍ରଦୂଷଣ ହୋଇ ନ ଥାଏ। ବିନା ଚାଳକରେ ଘଣ୍ଟାକୁ ୫୦୦ କିମି ବେଗରେ ଟ୍ରେନ୍ ଗତିକରିଥାଏ। ଫଳରେ ଯାତ୍ରୀଙ୍କ ସମୟ ବଞ୍ଚିଥାଏ, ଦୁର୍ଘଟଣା ମଧ କମିଥାଏ। ସାବିତ୍ରୀ ମହିଳା କଲେଜରେ ମଙ୍ଗଳବାର ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ବୁଲେଟ୍ ଟ୍ରେନ୍ ଉପରେ ଆୟୋଜିତ ଏକ ଆଲୋଚନାଚକ୍ରରେ ଭାଗନେଇ ବକ୍ତାମାନେ ଏହା ମତବ୍ୟକ୍ତ କରିଥିଲେ। ଅଧକ୍ଷା ଶାନ୍ତିକୁମାରୀ ଉପାଧ୍ୟାୟ ଉତ୍ସବରେ ସଭାପତିତ୍ୱ କରିଥିଲେ। ପ୍ରଶାସନିକ ଅଧିକାରିଣୀ ପ୍ରାଧ୍ୟାପିକ ତନୁଜା ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀ ଏମ୍.ଜୟଶ୍ରୀ ରାଓ ବୁଲେଟ ଟ୍ରେନ୍ ଉପରେ ଲିଖିତ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ତଥା ଅଧକ୍ଷା ଶାନ୍ତିକୁମାରୀ ଉପାଧ୍ୟୟ ଓ ଅଧ୍ୟାପକ ଡ. ଗିରିଧାରୀ ନାୟକ ସହଯୋଗ କରିଥିଲେ। ସମ୍ପାଦିକା ଶିବାନୀ ସେଠୀ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସହ ସମ୍ପାଦିକା ସାଇଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବନପାଳ ତାଲିମ କେନ୍ଦ୍ରରେ ଯୋଗ ଶିବିର

ଜି.ଉଦୟଗିରି,୨୦।୧୧(ଡି.ଏନ.ଏ.)

ଜି.ଉଦୟଗିରି ବନପାଳ ତାଲିମ କେନ୍ଦ୍ରରେ ୭ ଦିନିଆ ଯୋଗ ଶିବିର ଉଦ୍‌ଘାଟିତ ହୋଇଯାଇଛି। ତାଲିମ କେନ୍ଦ୍ରର ୬୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ପ୍ରାଣାୟମ ଶିକ୍ଷା ନେଇଛନ୍ତି। ଉସ୍ତ୍ରୀକା, କପାଳଭାତୀ, ବାହ୍ୟ ପ୍ରାଣାୟମ, ଉଜ୍ଜୟୀ ପ୍ରାଣାୟମ, ଅନୁଲୋମ ବିଲୋମ ସହିତ ଭ୍ରାମରୀ, ଉଦ୍‌ଗୀତ, ପ୍ରଣବ ପ୍ରାଣାୟମର ଅଭ୍ୟାସ କରିଛନ୍ତି। ଶିବିରରେ ପତଞ୍ଜଳି ଯୋଗ ସମିତି ଜିଲା ଯୋଗ ପ୍ରଭାରୀ ବଟକୃଷ୍ଣ ଦାଶ ଯୋଗ ବିଜ୍ଞାନ ଶିକ୍ଷା ପ୍ରଦାନ କରିଥିବା ବେଳେ ଡା. ସତ୍ୟନାରାୟଣ ପଟ୍ଟନାୟକ ମଣିଷ ଜୀବନରେ ଯୋଗ ପ୍ରାଣାୟମର ଆବଶ୍ୟକତା ସହ ଆୟୁର୍ବେଦର ଭୂମିକା ସମ୍ପର୍କରେ କହିଥିଲେ।



ଛାତ୍ରୀଛାତ୍ରଙ୍କୁ ଯୋଗ ଶିକ୍ଷା ଦିଆଯାଉଛି।

# ଦୁର୍ଗମ ଅଞ୍ଚଳରେ ଏଆଇଆଇଏମ୍‌ଏସ୍‌ର ସର୍ଭେ

ଦାରିଙ୍ଗବାଡ଼ି,୨୦।୧୧(ଡି.ଏନ.ଏ)

ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ୍ ମେଡିକଲ୍ ସାଇନ୍ସ (ଏଆଇଆଇଏମଏସ୍) ଭୁବନେଶ୍ୱର ପକ୍ଷରୁ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକରେ ଏହାର ସର୍ବେକ୍ଷଣ ଚାଲିଛି। ଉକ୍ତ ବ୍ଲକ ଜନଜାତି ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ସେମାନଙ୍କ ଖାଦ୍ୟ, ପଦାର୍ଥ ସମ୍ପର୍କରେ ସର୍ବେକ୍ଷଣ କରାଯାଉଛି। ପୂର୍ବରୁ ଲୋକେ ବଣ, ଜଙ୍ଗଲରୁ ସଂଗୃହୀତ ଓ ନିଜ ଉତ୍ପାଦିତ ଖାଦ୍ୟ ଖାଉଥିଲେ। ଏବେ ବଜାର ଉପରେ ନିର୍ଭରଶୀଳ ହେବାକୁ ପଡୁଛି। ଖାଦ୍ୟ ପଦାର୍ଥରେ ଥିବା ଚର୍ବି, ଲୁଣ, ଶର୍କରା ସମ୍ପର୍କରେ ଲୋକଙ୍କୁ ପଚରାଯାଉଛି। ଏଥିସହ ଲୋକଙ୍କ ଓଜନ, ଉଚ୍ଚତା ଏବଂ ରକ୍ତ ଚାପକୁ ପରୀକ୍ଷା କରାଯାଉଛି। ୧୧ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକଙ୍କର ଏହି ପରୀକ୍ଷା କରାଯିବା ସହ ରକ୍ତ ନମୁନାକୁ ପରୀକ୍ଷା କରାଯାଇଛି। ମେଡିକାଲର ମୁଖ୍ୟ ଅନୁସନ୍ଧାନକାରୀ ପ୍ରଫେସର ଡ. ବିକାଶ ଭାଟିଆ ଏବଂ ସ୍ୱୟଂ ପ୍ରଜ୍ଞା ପରିଡ଼ାଙ୍କ ତତ୍ତ୍ୱାବଧାନରେ ରାଜେଶ କୁମାର ପଣ୍ଡା, ଚିରସ୍ରୋତା ଗ୍ରହାଚାର୍ଯ୍ୟ, ସିପ୍ରା ମାଝିଜା, ସନତ ରଣା, ଅଖିଲ ଖମାରୀ ସୁପ୍ରିୟା ଦାସ, ସ୍ୱର୍ଣ୍ଣଲତା ପ୍ରଧାନ, ନେବାସିସ କରାଲି ପ୍ରମୁଖ ଏହି ସର୍ବେକ୍ଷଣ କରୁଛନ୍ତି। ସିର୍କାବର୍ଗ, ସିଆଙ୍ଗବାଲି, କିରିକୁଟି, ବାଡାବାଙ୍ଗା, ସିମନବାଡ଼ି, କିରିକୁଟି, ଦାରିଙ୍ଗବାଡ଼ି ପଞ୍ଚାୟତର ୩୦ ଗ୍ରାମରେ ଏହି ସର୍ବେକ୍ଷଣ କରାଯାଇଛି। ଏହି ଟିମ୍ ରାଇକିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ମଧ ସର୍ବେକ୍ଷଣ କରିବେ।




ଦାରିଙ୍ଗବାଡ଼ି ଅଞ୍ଚଳରେ ସର୍ଭେ ଚାଲିଛି।

# ବାହ୍ୟ ମଳତ୍ୟାଗ ରୋକିବାକୁ ସଚେତନତା

ବାଲିଗୁଡା,୨୦।୧୧(ଡି.ଏନ୍.ଏ.)

ବିଶ୍ୱ ଶୌଚାଳୟ ଦିବସ ପାଳନ ଉଦ୍ଦେଶ୍ୟରେ ଚଳିତ ମାସ ୯ରୁ ୧୯ ତାରିଖ ପର୍ଯ୍ୟନ୍ତ ୧୧ ଦିନ ଧରି ସମଗ୍ର ବାଲିଗୁଡ଼ା ଉପଖଣ୍ଡର ପ୍ରତ୍ୟେକ ଗ୍ରାମାଞ୍ଚଳରେ 'ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା' ସମ୍ପର୍କିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୧୯ ତାରିଖରେ ଏହା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗର ସରକାରୀ ବେସରକାରୀ ପଦାଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଜନ ପ୍ରତିନିଧିମାନେ ଗାଁ ଗାଁ ବୁଲି ବିଶ୍ୱ ଶୌଚାଳୟ ଦିବସ ତଥା ବାହ୍ୟ ମଳତ୍ୟାଗ ଉପରେ ସଚେତନ କରିଥିଲେ। ଏହି ଅବସରରେ ବାଲିଗୁଡା ବ୍ଲକ୍ ବୁଡ୍ରୁକିଆ ପଞ୍ଚାୟତର ସିପାରୀ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତରଫରୁ ବିଶ୍ୱ ଶୌଚାଳୟ ଦିବସ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ପଣ୍ଡାଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରୁ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଶୋଭାଯାତ୍ରା ବାହାରି ବିଶ୍ୱ ଶୌଚାଳୟ ଦିବସ ଓ ବାହ୍ୟ ମଳତ୍ୟାଗ ସମ୍ପର୍କିତ ବିଭିନ୍ନ ପ୍ଲାକାର୍ଡ଼ ଧରି ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଥିଲେ। ପରେ ବିଦ୍ୟାଳୟ ସଭାଗୃହର ଏକ ସଭାର ଆୟୋଜନ କରାଯାଇଥିଲା, ଏଥିରେ ମୁଖ୍ୟ ଅତିଥି ଭାବେ ବୁଡ୍ରୁକିଆ ସରପଞ୍ଚ କାର୍ତ୍ତିକ ମଳିକ ଯୋଗଦେଇ ପାଇଖାନାର ସଦୁପଯୋଗ କରିପାରିଲେ ପରିବେଶ ସ୍ୱଚ୍ଛ ରହି ପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହାକାରୀ ଶିକ୍ଷକ ବଂଶୀଧର ପଣ୍ଡା, ବିଜୟ କୁମାର ଗୌଡ଼, ଝୁନୁବାଳା ନାୟକଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।




ସଚେତନତା ରାଲି।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ବୁଧବାର, ନଭେମ୍ବର ୨୧/୨୦୧୮ Berhampur, Wednesday, November 21/ 2018


## ସଂକ୍ଷେପରେ

### ଛୁରା ମାଡ଼ରେ ଯୁବକ ଗୁରୁତର

ଆସିକା,୨୦।୧୧(ଡି.ଏନ୍.ଏ.)- ଆସିକା ଏନ୍ଏସିର ଲାଲା ଗୋର୍ଜି ଛକ ଠାରେ ମଙ୍ଗଳବାର ମଧାହ୍ନ ପ୍ରାୟ ୨ଟାରେ ଛୁରା ମାଡରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଶିଲୁ ସ୍ୱାଇଁ। ତାଙ୍କ ଘର ମଥୁରା ଓ ସେ ଆସିକା ପାକଲାପଲ୍ଲୀରେ ରହୁଥିଲେ। ଶିଲୁଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି। କେଉଁ ପରିସ୍ଥିତିରେ ଏହି ଛୁରାମାଡ ହେଲା ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ ସାମାନ୍ୟ ବଚସାରୁ ଏଭଳି ହୋଇଥିବା କୁହାଯାଉଛି।

### ବସକୁ ଧକ୍କା ଦେଲା ବାଇକ, ଯୁବକ ମୃତ

ପୋଲସରା,୨୦।୧୧(ଡି.ଏନ.ଏ.)- ପୋଲସରା ଥାନା ରାଆଣ୍ଡି ଗ୍ରାମର ଜଣେ ବାଇକ ଚାଳକ ବସର ପଛପଟୁ ଧକ୍କା ଦେଇ ସୋମବାର ରାତିରେ ମୃତ୍ୟୁବରଣ କରିଛନ୍ତି। ସେ ହେଲେ ପ୍ରବୀଣ ନାୟକ। ପ୍ରବୀଣ ନିଜ ବାଇକ (ନଂ. ଓଡି୩୨ବି୨୨୩୭) ଯୋଗେ କୌଣସି କାମରେ ଚିରିକିପଡ଼ା ଶାସନ ଆସିଥିଲେ। ଫେରିବା ବେଳେ ଏକ ଯାତ୍ରୀବାହୀ ଘରୋଇ ବସ ଜଗାପଲ୍ଲୀରେ ଛିଡ଼ା ହୋଇ ରହିଥିଲା। ବାଇକ ଚାଳକ ପ୍ରବୀଣ ଗାଡ଼ିର ପଛପଟୁ ଧକ୍କା ଦେଇ ଗୁରୁତର ହୋଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ପକ୍ଷରୁ ଏତଲା କ୍ରମେ ପୋଲିସ ନଂ. ୨୨୩/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଆସ ଆମେ ସ୍କୁଲ ଯିବା ଉନ୍ମୋଚିତ

ଛତ୍ରପୁର,୨୦।୧୧(ଡି.ଏନ.ଏ)-ଶିକ୍ଷୟିତ୍ରୀ ଭାଗ୍ୟବତୀ ବେହେରାଙ୍କ ଦ୍ୱାରା ପ୍ରାୟୋଜିତ ଅଡିଓ ଆଲବମ୍ 'ଆସ ଆମେ ସ୍କୁଲ ଯିବା' ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ବ୍ରହ୍ମପୁର ମହାନଗର ପୁସ୍ତକ ମେଳାରେ ମୁକ୍ତିଲାଭ କରିଛି। ଭୁବନେଶ୍ୱରରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ଓପେପାର ନିର୍ଦ୍ଦେଶକ ଉପେନ୍ଦ୍ର ସିଂ ପୁନିଆ ଓ ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ମିଶ୍ର ଏହାକୁ ଉନ୍ମୋଚିତ କରିଥିଲେ। ସେହିପରି ମହାନଗର ପୁସ୍ତକ ମେଳାରେ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା ଓ ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ ଏହାକୁ ଉନ୍ମୋଚନ କରିଥିଲେ। ଶିକ୍ଷକ ତଥା କବି ଅଜିତ କୁମାର ସେଠୀ ଗୀତ ରଚନା ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି।

## ରାଶନ କାର୍ଡ ଦାବିରେ ବ୍ଲକ ଘେରିଲେ ମହିଳା

ବୁଗୁଡା,୨୦।୧୧(ଡି.ଏନ.ଏ.)

ବୁଗୁଡା ବ୍ଲକ ଏ.କରଡାବାଡି ପଞ୍ଚାୟତ ବଣପଲ୍ଲୀର ମହିଳାମାନେ ରାଶନକାର୍ଡ ଦାବିରେ ମଙ୍ଗଳବାର ବୁଗୁଡା ବ୍ଲକ କାର୍ଯ୍ୟାଳୟ ଘେରାଉ କରି ୬ ଘଣ୍ଟା କାଳ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବଣପଲୀ ଗ୍ରାମର ଶତାଧିକ ମହିଳା ସେମାନଙ୍କ ପରିବାର ରାଶନକାର୍ଡ ପାଇବାକୁ ଯୋଗ୍ୟ ହୋଇଥିଲେ ମଧ ଉପେକ୍ଷା କରାଯାଇ ଧନୀ ଶ୍ରେଣୀର ଲୋକଙ୍କୁ କାର୍ଡ ପ୍ରଦାନ କରାଯାଇଛି। ଏନେଇ ଗତ ଅକ୍ଟୋବର ୨୩ରେ ଏ.କରନାବାଡି ପଞ୍ଚାୟତ ଅଫିସରେ ତାଲା ପକାଇ ରାସ୍ତାରୋକୋ କରିଥିଲେ। ଶେଷରେ ବଣପଲ୍ଲୀ ଗ୍ରାମର ଶତାଧିକ ମହିଳା ସେମାନଙ୍କ ସନ୍ତାନମାନଙ୍କୁ ଧରି ରାଶନକାର୍ଡ ପ୍ରଦାନ ଦାବିରେ ମଙ୍ଗଳବାର ସକାଳ ୧୦ଟାରୁ ଅପରାହ୍ନ ସାଢେ ୪ଟା ଯାଏ ବ୍ଲକ ଘେରାଉ କରିଥିଲେ। ଏପରିକି ସେମାନେ ଅଫିସ ମୁଖ୍ୟ ଗେଟ୍ ବନ୍ଦ କରି କର୍ମଚାରୀଙ୍କୁ ବାହାରକୁ କିମ୍ବା ଭିତରକୁ ଛାଡି ନ ଥିଲେ। ଏବିଡିଓ କୈଳାସ ଚନ୍ଦ୍ର ନାୟକ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ ସେମାନେ ଶୁଣି ନ ଥିଲେ। ପୋଲିସ ଉପସ୍ଥିତିରେ କେବଳ କର୍ମଚାରୀଙ୍କୁ ଖାଇବାକୁ ଯିବାକୁ ପଡିଥିଲା। ଶେଷରେ ବିଡିଓ ସୁକାନ୍ତ ମାଝି ଭଞ୍ଜନଗର ବୈଠକରୁ ଫେରି ଅପରାହ୍ନ ସାଢ଼େ ୪ଟାରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମକୁ ଏକ ଟିମ ଯାଇ ରାଶନକାର୍ଡ ତଦନ୍ତ କରିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଆନ୍ଦୋଳନରୁ ହଟିଥିଲେ।



ବୁଗୁଡା ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି ମହିଳାମାନେ।

## ବେଆଇନ ବାଲି , ପଥର ଚାଲାଣ
## ୧ ଲକ୍ଷ ୧୮ ହଜାର ଟଙ୍କା ଜରିମାନା ଆଦାୟ



ତହସିଲ ସମ୍ମୁଖରେ ଜବତ ଟ୍ରକ୍ ଓ ଟ୍ରାକ୍ଟର।

ହିଞ୍ଜିଳିକାଟୁ,୨୦।୧୧(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ତହସିଲଦାର ଗୋପୀନାଥ କର୍ଅାଁରଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ରାଜସ୍ୱ କର୍ମଚାରୀମାନଙ୍କ ୨ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ଚଢ଼ାଉ ବେଳେ ବେଆଇନ ଭାବେ ବାଲି ଓ ପଥର ଚୋରା ଚାଲାଣ କରୁଥିବା ୧୨ ଟି ଟ୍ରକ ଓ ଟ୍ରାକ୍ଟର ଜବତ କରାଯାଇଛି। ଗାଡି ମାଲିକମାନଙ୍କ ଠାରୁ ଜରିମାନା ବାବଦକୁ ୧ ଲକ୍ଷ ୧୮ ହଜାର ଟଙ୍କା ଆଦାୟ କରାଯାଇଛି। ଅତିରିକ୍ତ ତହସିଲଦାର ରଞ୍ଜନ ବେହେରା, ଦେବରାଜ ପାତ୍ରଙ୍କ ନେତୃତ୍ୱରେ ହିଞ୍ଜିଳିକାଟୁ ରାଜସ୍ୱ ନିରୀକ୍ଷକ ଇନ୍ଦ୍ର ମୋହନ ବେହେରା, ଶିକିରି ରାଜସ୍ୱ ନିରୀକ୍ଷକ ସଞ୍ଜୟ ସାହୁ, ବୁରୁପଡ଼ା ରାଜସ୍ୱ ନିରୀକ୍ଷକ ସୁଜ୍ଞାନୀ ବେହେରା, ସାହାପୁର ରାଜସ୍ୱ ନିରୀକ୍ଷକ ସ୍ୱପ୍ନେଶ୍ୱର ପାଳ, ଭାବନ୍ଦ ରାଜସ୍ୱ ନିରୀକ୍ଷକ ବିନୟ ଶବର, ଗୋପଳ ରେଡ୍ଡୀଙ୍କ ସମେତ ହିଞ୍ଜିଳିକାଟୁ ରାଜସ୍ୱ ସର୍କଲରେ କାର୍ଯ୍ୟରତ କର୍ମଚାରୀମାନେ ଚଢାଉରେ ସାମିଲ ଥିଲେ।

## ୨ ପରିବାର ମଧରେ ଗଣ୍ଡଗୋଳ, ୮ ଆହତ

ଦିଗପହଣ୍ଡି,୨୦।୧୧(ଡି.ଏନ.ଏ.)

ଦିଗପହଣ୍ଡି ଥାନା ଝରିପଦର ଗ୍ରାମରେ ମଙ୍ଗଳବାର ସକାଳ ୯ଟାରେ ୨ ପରିବାରଙ୍କ ମଧରେ ଗଣ୍ଡଗୋଳ ଘଟିଛି। ଏହି ଗଣ୍ଡଗୋଳରେ ୩ ମହିଳାଙ୍କ ସମେତ ୮ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଏନ. ଅରକ୍ଷିତ ରେଡ୍ଡୀ, ପି.ମୁଦୁଲୁ ରେଡ୍ଡୀ, ପି. ପୁରୁଷୋତ୍ତମ ରେଡ୍ଡୀ, ପି. ଆନନ୍ଦ ରେଡ୍ଡୀ, ପି. ରିତୁ ରେଡ୍ଡୀ, ପି. ପୂଜା ରେଡ୍ଡୀ, ଏନ. ଇନ୍ଦୁ ରେଡ୍ଡୀ, ଏନ. ନାରସୁ ରେଡ୍ଡୀ। ଆହତମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଉଭୟ ପକ୍ଷ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି।

ବାସଗୃହ ସୀମା ସରହଦ ଚିହ୍ନଟକୁ କେନ୍ଦ୍ରକରି ସୋମବାର ଅପରାହ୍ନରେ ଏନ୍.ଅରକ୍ଷିତ ରେଡ୍ଡୀ ତାଙ୍କ ସମ୍ପର୍କୀୟ ଏନ୍. ଏରେଡ୍ଡୁ ରେଡ୍ଡୀ, ଏନ୍. ଅରାଲୁ ରେଡ୍ଡୀଙ୍କୁ ଆକ୍ରମଣ କରିଥିଲେ। ଏନ.ଏରେଡ୍ଡୁ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ମଙ୍ଗଳବାର ସକାଳେ ପୁଣି ଦୁଇ ପରିବାର ମଧରେ ଯୁକ୍ତିତର୍କ କଥା କଟାକଟି ହେବା ପରେ ଏନ. ଏରେଡ୍ଡୁ ଓ ତାଙ୍କ ପରିବାର ଲୋକେ ଏନ. ଅରକ୍ଷିତ ରେଡ୍ଡୀଙ୍କୁ ଠେଙ୍ଗାରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି।

## ବାହ୍ୟ ମଳମୁକ୍ତ ଲାଗି ତୁଳସୀ ଚାରା ରୋପଣ

ବୁଗୁଡ଼ା,୨୦।୧୧(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ତାକରଡ଼ାରେ ସୋମବାର ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ଏଥି ଉପଲକ୍ଷେ ବାହ୍ୟ ମଳମୁକ୍ତ ସହ ଘରେ ଘରେ ଶୌଚାଳୟ ବ୍ୟବହାର ପାଇଁ ଏକ ସଚେତନତା ଶୋଭାଯାତ୍ରା ଗ୍ରାମରେ ହୋଇଥିଲା। ମହିଳାମାନେ ଗ୍ରାମର ବିଭିନ୍ନ ସ୍ଥାନ ସଫା କରି ତୁଳସୀ ଚାରା ରୋପଣ ପୂର୍ବକ ଝୋଟି ପକାଇ ସଚେତନତା କରାଇଥିଲେ। ଏଥିରେ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଶୁଭଶ୍ରୀ ମହାରଣା, ସନ୍ତୋଷ କୁମାର ଦାଶଙ୍କ ସମେତ ପ୍ରବର୍ତ୍ତକ ନୃସିଂହ ଚରଣ ଦାଶ, ସରପଞ୍ଚ ଦମୟନ୍ତୀ ପ୍ରଧାନ, ଅଙ୍ଗନୱାଡି କର୍ମୀ ମଳୟ ମଞ୍ଜରୀ ମିଶ୍ରଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ତାକରଡ଼ା ଗ୍ରାମପଞ୍ଚାୟତକୁ ବାହ୍ୟ ମଳମୁକ୍ତ ପଞ୍ଚାୟତ କରିବା ପାଇଁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ।

## ଶୌଚାଳୟ ନିର୍ମାଣରେ ସଫଳତା, ଜିଲାସ୍ତରରେ ପୁରସ୍କୃତ

ବେଗୁନିଆପଡ଼ା,୨୦।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲାସ୍ତରରେ ବିଶ୍ୱ ଶୌଚାଳୟ ଦିବସ ଛତ୍ରପୁରସ୍ଥିତ ଜିଲା ପରିଷଦ ଭବନରେ ସୋମବାର ପାଳିତ ହୋଇଯାଇଛି। ବ୍ୟକ୍ତିଗତ ଶୌଚାଳୟ ନିର୍ମାଣ, ହିତାଧିକାରୀଙ୍କୁ ପ୍ରାପ୍ତ ସୁବିଧାରେ ପ୍ରଦାନ, ଜନ ସଚେତନତା ସୃଷ୍ଟି କରିବାରେ ବେଗୁନିଆପଡ଼ା ବ୍ଲକ ଉତ୍ତମ ପ୍ରଦର୍ଶନ କରିଥିବା ହେତୁ ପୂର୍ବତନ ବିଡିଓ ପ୍ରଦୀପ କୁମାର ପଣ୍ଡା, କନିଷ୍ଠ ଯନ୍ତ୍ରୀ ମମତା ପଣ୍ଡା, କନିଷ୍ଠ ଯନ୍ତ୍ରୀ (୧) ଏମ. ରାମାରାଓ, ସନ୍ତୋଷନୀ ସାହୁ ପ୍ରମୁଖଙ୍କୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପୁରସ୍କୃତ କରିଥିଲେ। ଗଞ୍ଜାମ ଜିଲାରେ ମୋଟ ୬ ଲକ୍ଷ ବ୍ୟକ୍ତିଗତ ଶୌଚାଳୟ ନିର୍ମାଣ ପାଇଁ ଟାର୍ଗେଟ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୫ ଲକ୍ଷ ୫୦ ହଜାର ନିର୍ମାଣ ସରିଥିବା ସହ ଡିସେମ୍ବର ଶେଷ ସୁଦ୍ଧା ଗଞ୍ଜାମକୁ ବାହ୍ୟ ମଳମୁକ୍ତ ଜିଲା ଘୋଷଣା କରିବାକୁ ଲକ୍ଷ୍ୟ ରଖିଥିବା ଜିଲାପାଳ କହିଥିଲେ। ଏଥିରେ ଜିଲା ପରିଷଦ ଚେୟାରମ୍ୟାନ ସୁବାଷ ଚନ୍ଦ୍ର ବେହେରା, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏପିଡି ପ୍ରିୟରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।



ପୁରସ୍କାର ଗ୍ରହଣ କରୁଛନ୍ତି।

## ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

### ବସ୍ ମାଲିକଙ୍କ ପାଇଁ ବିଶେଷ ସୂଚନା

**କଟକ /ଭୁବନେଶ୍ୱର (ବରମୁଣ୍ଡା) – ରସୁଲଗଡ – କଜ୍ଞନା/ପିପିଲି / ପୁରୀ ମାର୍ଗରେ ଚୁଡାନ୍ତ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing)**

ଏତଦ୍ୱାରା **କଟକ / ଭୁବନେଶ୍ୱର (ବରମୁଣ୍ଡା) – ରସୁଲଗଡ – କଜ୍ଞନା / ପିପିଲି / ପୁରୀ ମାର୍ଗରେ** ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନର ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଉକ୍ତ ମାର୍ଗରେ ଚୁଡାନ୍ତ / ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing) ତା ୨୦.୧୧.୨୦୧୮ ରିଖରୁ କାର୍ଯ୍ୟକାରୀ କରାଯିବା ପାଇଁ ସ୍ଥିରକରାଯାଇଥିଲା । କିନ୍ତୁ ଅନିର୍ବାଜ୍ୟ କାରଣବଶତଃ ଏହାକୁ ତା ୦୧.୧୨.୨୦୧୮ ରିଖକୁ ଲାଗୁକରାଯିବା ପାଇଁ ସ୍ଥିର କରାଗଲା । ଏତଦ୍ୱାରା ସମସ୍ତ ଯାତ୍ରୀବାହୀ ଯାନର ମାଲିକ ମାନଙ୍କୁ ସୂଚାଇ ଦିଆଯାଉଅଛି କି ସେମାନଙ୍କର ଯାତ୍ରୀବାହୀ ଯାନ ଗୁଡିକୁ ତା ୦୧.୧୨.୨୦୧୮ ରିଖଠାରୁ ଚୁଡାନ୍ତ / ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ ଅନୁସାରେ ଚଳାଚଳ କରିବେ ।

**ପରିବହନ ଆୟୁକ୍ତ ତଥା ଅଧକ୍ଷ**
**ଓଡିଶା, କଟକ**






## ଖେମୁଣ୍ଡି କଲେଜ ପ୍ରାଣୀ ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ଦିଗପହଣ୍ଡି,୨୦।୧୧(ଡି.ଏନ.ଏ.)

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ଆରତୀ ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ମୁରଲୀଧର ପ୍ରଧାନ ଅଧକ୍ଷତା କରିଥିଲେ। ବ୍ରହ୍ମପୁର ମହାମାୟୀ କଲେଜ ଅଧାପକ ଏସ୍‌ବିକେ ଆଚାରୀ, ଖେମୁଣ୍ଡି କଲେଜ ଉପାଧକ୍ଷା ଡ. ହରପ୍ରିୟା ପଟ୍ଟନାୟକ, ଅଧାପକ ଦୀପକ କୁମାର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରାଣୀ ବିଜ୍ଞାନ ପାଠଚକ୍ର ସମ୍ପାଦକ ସୁବ୍ରତ ଦାସ, ମିଲନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀ ଶିବାନୀ ଜେନା, ଶର୍ମିଷ୍ଠା ମହାପାତ୍ର, ଛାତ୍ର ଅମିତ କୁମାର ନାୟକ, ରିତେଶ କୁମାର ଗୌଡ଼, ସଚିନ ଶବର, ଗୋପାଳକୃଷ୍ଣ ପଣ୍ଡା ପ୍ରମୁଖ ବିଷୟବସ୍ତୁ ଭିତ୍ତିକ ସନ୍ଦର୍ଭ ପାଠ କରିଥିଲେ। ଛାତ୍ରୀ ସୋନାଲି ସାହୁ, ସୋନାଲିନ ପାଢ଼ୀଙ୍କ ମିଳିତ ଉପସ୍ଥାପନାରେ ଅନୁଷ୍ଠିତ ଆଲୋଚନାଚକ୍ର ଶେଷରେ ଛାତ୍ର ମାନସ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟ ସଡକରେ ଗଣ୍ଡଗୋଳ: ଯାନବାହାନ ଚଳାଚଳ ବନ୍ଦ

ଭଞ୍ଜନଗର,୨୦।୧୧(ଡି.ଏନ୍.ଏ.)

ଭଞ୍ଜନଗର ଥାନା ଠାରୁ ୫ ଶହ ମିଟର ଦୂର ମୁଖ୍ୟ ସଡକରେ ଥିବା ପୁରୁଣାବଜାର ସାହି ଛକରେ ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ଏକ କାର ଚାଳକ ଓ ବାଇକ୍ ଚାଳକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଫଳରେ ବହୁ ଲୋକ ରୁଣ୍ଡ ହୋଇ ଯାଇଥିଲେ। ଏଥିଯୋଗୁ ପ୍ରାୟ ୨୦ ମିନଟ ମୁଖ୍ୟ ସଡକରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଗଣ୍ଡଗୋଳ ସରିବା ପରେ ବାଇକ୍ ଓ କାର ଚାଳକ ନିଜ ନିଜ ରାସ୍ତାରେ ଚାଲିଯାଇଥିଲେ। ଏହାପରେ ୫୦ ମିଟର ଦୂରରେ ଥିବା ଟ୍ରାଫିକ୍ ପୋଲିସ ଏବଂ ଥାନାର ୨ଟି ପାଟ୍ରୋଲିଂ ଗାଡି ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ କିଛି ଲୋକଙ୍କୁ ପଚାରି ଫେରି ଆସିଥିଲା। ଖବର ଲେଖା ହେବାବେଳକୁ କାର ଓ ବାଇକ ଚାଳକ ଥାନାରେ ଅଭିଯୋଗ ପାଇଁ ପହଞ୍ଚିଥିବା ଜଣାପଡିଛି। ପ୍ରକାଶଯେ ମୁଖ୍ୟ ସଡକ ଦେଇ ଏକ କାର୍ ଗୋବରା ଅଭିମୁଖେ ଯାଉଥିଲା। ଏହି ସମୟରେ ପଛରେ ଏକ ଆସୁଥିବା ଏକ ବାଇକ୍ ଚାଳକଙ୍କ ସହ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏହାପରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଏନେଇ ଲୋକ ପୋଲିସକୁ ସୂଚନା ଦେଇଥିଲେ। ପ୍ରକାଶ ଯେ, ସୋମବାର ଦ୍ରୁତ ବାଇକ ଗାଡି ଚାଳନା ଯୋଗୁ ଭଞ୍ଜନଗର ମୁଖ୍ୟ ସଡକରେ ଶିକ୍ଷକ ଦମ୍ପତି ଗୁରୁତର ଆହତ ହୋଇଥିଲେ।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ